## ସଂକ୍ଷେପରେ

### ଟାଉନହଲ୍ ନିର୍ମାଣ ନେଇ ଭୂମିପୂଜନ

ଖଡ଼ିଆଳ,୯।୪(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳଠାରେ ଟାଉନ ହଲ ନିର୍ମାଣ ନେଇ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ଦ୍ୱାରା ଭୂମି ପୂଜନ କାର୍ଯ୍ୟମ ଅନୁଷ୍ଠିତ ହୋଇଯାଇଛି। ବିଧିବଦ୍ଧ ଭାବେ ଟାଉନ ହଲ ନିର୍ମାଣ ପାଇଁ ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଖଡ଼ିଆଳ ସହର ଭିତରେ ଡିଏଫଓଙ୍କ ବାସଭବନ ପଛ ପଟେ ଥିବା ଦୁଇ ଏକର ଜମିର ପ୍ରଦାନ ପରେ ଟାଉନ ହଲ ନିର୍ମାଣ ନେଇ ଭୂମି ପୂଜନ କାର୍ଯ୍ୟକ୍ରମ ଶେଷ ହୋଇଛି। ଏହି ଟାଉନ ହଲ ପଶ୍ଚିମ ଓଡିଶା ବିକାଶ ପାଣ୍ଠିରୁ ନଅ କୋଟି ଆଠ ଲକ୍ଷ ଟଙ୍କାରେ ଅତ୍ୟାଧୁନିକ ଟାଉନ ହଲ ତିଆରି ହେବ। ଏହା ୭୫୦ ସିଟ କ୍ଷମତା ବିଶିଷ୍ଟ ହେବ ବୋଲି ଜଣାପଡ଼ିଛି। ଏହାର କାର୍ଯ୍ୟ ତୁରନ୍ତ ଆରମ୍ଭ ହୋଇ ଅଠର ମାସ ମଧ୍ୟରେ ଶେଷ ହେବ ବୋଲି ବିଧାୟକ ପାଣିଗ୍ରାହୀ ପ୍ରକାଶ କରିଥିଲେ। ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ ଅସିତ ତ୍ରିପାଠୀଙ୍କୁ ବିଧାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଭୂମି ପୂଜନରେ ପୂଜକ ଭାବେ ତାରାପ୍ରସାଦ ଆଚାର୍ଯ୍ୟ ଥିବା ବେଳେ ଖଡ଼ିଆଳ ନଗରପାଳ ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା, ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ଏନଏସିର ସମସ୍ତ କାଉନସିଲର ସମେତ ସହରର ବ୍ୟକ୍ତି ଉପସ୍ଥିତ ହୋଇଥିଲେ।

### ପଦ୍ମଶ୍ରୀ ପଟ୍ଟାୟତ ସାହୁଙ୍କୁ ସମ୍ବର୍ଦ୍ଧନା



ଜୁନାଗଡ,୯।୪(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ସହରରେ ପଦ୍ମଶ୍ରୀ ପଟ୍ଟାୟତ ସାହୁଙ୍କୁ ସ୍ଥାନୀୟ ସାମ୍ବାଦିକ ଓ ଓକିଲ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ସ୍ଥାନୀୟ ସଂସ୍କୃତି ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲ, ଓକିଲ ସଂଘ ସଭାପତି ଅଶୋକ ପାତ୍ର, ସାମ୍ବାଦିକ ସଂଘ ସଭାପତି ହିମାଂଶୁ ବରାଡ, ବରିଷ୍ଠ ନାଗରିକ ସଂଘ ସଭାପତି ଈଶ୍ୱର ପୂଝାରୀ, ସିଟିଜେନ ଫୋରମର ବିଜୟ ବେହେରା, କର୍ତ୍ତବ୍ୟର ଆଶୋକ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ପଦ୍ମଶ୍ରୀ ସାହୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ପଦ୍ମଶ୍ରୀ ସାହୁ ନିଜର ଜନ୍ମ ମାଟି ନାନ୍ଦୋଲ ଗ୍ରାମଠାରେ ମାତ୍ର ୬୫ ଡେସିମିଲ ଜାଗାରେ ଦେଶର ବିଭିନ୍ନ କୋଣରୁ ୩୦୦୦ରୁ ଉର୍ଦ୍ଧ୍ୱ ଔଷଧ ବୃକ୍ଷ ପ୍ରତିରୋପଣ କରି ପ୍ରଧାମନ୍ତ୍ରୀଙ୍କ ମନ କି ବାତ୍ କାର୍ଯ୍ୟକ୍ରମରେ ଦୃଷ୍ଟିକୁ ଆସି ଦେଶରେ ଚର୍ଚ୍ଚିତ ହୋଇ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇ ଜିଲା ତଥା ରାଜ୍ୟକୁ ଗୌରବ ଆଣିଛନ୍ତି। ସମ୍ବର୍ଦ୍ଧନା ସଭାରେ ଜୁନାଗଡ ବଣିକ ସଂଘରୁ ପ୍ରଭାତ ଦାଶ, ମା ମାଟି ମମତାରୁ ବିଶନାଥ କର, ଟ୍ରକ ୟୁନିୟନରୁ ତାପସ ସାହୁ, ମାରୱାଡ଼ି ସଂଘଠନରୁ ଚମ୍ପକ ଅଗ୍ରୱାଲ, ବ୍ରାହ୍ମଣ ସମାଜରୁ ଶାନ୍ତନୁ ଯୋଷୀ, ସୁରେଶ ପଣ୍ଡା ଓ କାଳିନ୍ଦୀ ପାଣିଗ୍ରାହି ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ। ସାମ୍ବାଦିକ ସଂଘ ଓ ଓକିଲ ସଂଘ ପକ୍ଷରୁ ପଦ୍ମଶ୍ରୀ ସାହୁଙ୍କୁ ଉପଢୌକନ ସହ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ସାମ୍ବାଦିକ ସଂଘ ବରିଷ୍ଠ ସଦସ୍ୟ ସନ୍ତୋଷ କୁମାର ସିଂଦେଓ ପରିଚାଳନା କରିଥିବା ବେଳେ ସଂଘ ସମ୍ପାଦକ ନରେନ୍ଦ୍ର ଖିତି ଧନ୍ୟବାଦ ପ୍ରଦାନ କରିଥିଲେ।

# କଳାହାଣ୍ଡିରେ ବଲାଙ୍ଗୀର ନକଲି ସାର୍ଟିଫିକେଟ ଲିଙ୍କ୍

ଭବାନୀପାଟଣା,୯।୪(ସ୍ୱ.ପ୍ର.)

କଳାହାଣ୍ଡି ଜିଲାରେ ବଲାଙ୍ଗୀର ନକଲି ସାର୍ଟିଫିକେଟ ଲିଙ୍କ୍ ଥିବା ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ବଲାଙ୍ଗୀର ଘଟଣାର ମୁଖ୍ୟ ଅଭିଯୁକ୍ତ ମନୋଜ ମିଶ୍ରଙ୍କ ସହିତ ସହଯୋଗୀ ଥିବା କଳାହାଣ୍ଡିର ବିନୀତ ନାଏକ ଜିଲାର ବହୁ ଛାତ୍ରୀଛାତ୍ରଙ୍କୁ ଚାକିରି ଦେବା ପ୍ରଲୋଭନ ଦେଖାଇ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରିଛନ୍ତି। ଏପରି କି କର୍ଲାମୁଣ୍ଡାର ଜଣେ ଯୁବକ ଶ୍ରୀକାନ୍ତ ମଲ୍ଲିକ ଜମି ବିକ୍ରି କରି ଏମ୍‌ସିଏଲ୍‌ରେ ଚାକିରି କରିବା ନିମନ୍ତେ ବିନୀତଙ୍କୁ ୬ ଲକ୍ଷ ଟଙ୍କା ଦେଇଥିଲେ। ଚାକିରି ମିଳି ନ ଥିଲା କି ଟଙ୍କା ଫେରି ନ ପାଇ ଶ୍ରୀକାନ୍ତ ଆତ୍ମହତ୍ୟା କରି ବିନୀତ ଦାୟୀ ବୋଲି ସୁଇସାଇଡାଲ ନୋଟରେ ଉଲ୍ଲେଖ କରିଥିଲେ। ବର୍ତ୍ତମାନ ବିନୀତ ଜେଲ୍‌ରେ ଥିବା ବେଳେ ଏହି ଘଟଣାକୁ ନେଇ ଜିଲାରେ ଆଲୋଡ଼ନ ସୃଷ୍ଟି ହୋଇଛି।

ମିଳିଥିବା ସୂଚନା ଅନୁସାରେ, କଳାହାଣ୍ଡି ଜିଲା ମ. ରାମପୁର ଥାନା କର୍ଲାମୁଣ୍ଡାର ଶ୍ରୀକାନ୍ତ ମଲ୍ଲିକ ଜୟପାଟଣା ବ୍ଲକ ଦୁଲକିବନ୍ଧର ବିନୀତ ନାଏକଙ୍କ ସହ ଏମ୍‌ସିଏଲ୍ କମ୍ପାନୀରେ ଚାକିରି ପାଇଁ ଯୋଗାଯୋଗ କରିଥିଲେ। ଶ୍ରୀକାନ୍ତ ଜମି ବିକି ୬ ଲକ୍ଷ ଟଙ୍କା ୨୦୨୦ ଡିସେମ୍ବର ୨୫ରେ ବିନୀତଙ୍କୁ ଦେଇଥିଲେ। ୨ ବର୍ଷ ଧରି ଚାକିରି ନ ମିଳିବା ଜାଣିବା ପରେ ଟଙ୍କା ଫେରସ୍ତ ପାଇଁ ବାରମ୍ବାର ଅନୁରୋଧ କରିଥିଲେ। କିନ୍ତୁ ଚାକିରି ହେଲା ନାହିଁ, ଜମି ବିକିଥିବା ଟଙ୍କା ମଧ୍ୟ ହଡ଼ପ ହୋଇଗଲା। ଅନ୍ୟପକ୍ଷରେ ଅନ୍ୟ ଘଟଣାରୁ ବିନୀତ ୨୦୨୨ ଜୁଲାଇ ୧୫ରେ ଭବାନୀପାଟଣା ଜେଲ୍ ଯାଇଥିଲା। ଏହା ପରେ ଶ୍ରୀକାନ୍ତ ଟଙ୍କା ଫେରସ୍ତ ହେବାର ଆଶା ମଉଳି ଯାଇଥିଲା। ଏଥିପାଇଁ ଶ୍ରୀକାନ୍ତ ମନସ୍ତାପରେ ରହୁଥିଲେ। କିଛି ଟଙ୍କା ଧାରକରଜ କରି ମଧ୍ୟ ଆଣିଥିଲେ। ଟଙ୍କା ପରିଶୋଧ କରିବା ପାଇଁ କୌଣସି ଉପାୟ ପାଇ ନ ଶେଷରେ ୨୦୨୨ ସେପ୍ଟେମ୍ବର ୧୭ ତାରିଖରେ ସେ ଆତ୍ମହତ୍ୟା କରିଥିଲେ। ଆତ୍ମହତ୍ୟା ପୂର୍ବରୁ ଶ୍ରୀକାନ୍ତ ଏକ ସୁଇସାଇଡାଲ ନୋଟ ଲେଖିଥିଲେ। ଏଥିରେ ବିନୀତ ନାଏକ ଯୋଗୁ ସେ ଆତ୍ମହତ୍ୟା କରିବାକୁ ବାଧ ହେଉଛନ୍ତି ବୋଲି ଉଲ୍ଲେଖ କରିଥିଲେ। ଏ ନେଇ କର୍ଲାମୁଣ୍ଡା ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା (ନଂ. ୧୩/୧୮।୯।୨୦୨୨) ରୁଜୁ ହୋଇଥିଲା। ପୋଲିସ ଏସଆଇ କୃତ୍ତିବାସ ପୂଝାରୀ ଏହି ଘଟଣାର ତଦନ୍ତ କରିଥିଲେ। ତଦନ୍ତ ବେଳେ ଶ୍ରୀକାନ୍ତଙ୍କ ପକେଟରୁ ସୁଇସାଇଡାଲ ନୋଟ ଜବତ ହୋଇଥିଲା। ଏଭଳି ବହୁ ଚାକିରି ଆଶାୟୀ ଯୁବତୀଯୁବକମାନଙ୍କ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଛି। ଏଥିମଧ୍ୟରୁ ବହୁ ଘଟଣାର ପୋଲିସ ଏତଲା ମଧ୍ୟ ହୋଇପାରି ନାହିଁ। ବଲାଙ୍ଗୀର ମୁଖ୍ୟ ଅଭିଯୁକ୍ତ ମନୋଜ ମିଶ୍ରଙ୍କ ସହିତ ସହଯୋଗୀ ଭାବେ ବିନୀତ କଳାହାଣ୍ଡି ଜିଲାରେ ଠକେଇର ଜାଲ ବିଛାଇଥିଲେ। ବିନୀତ ଏବେ ଜେଲରେ ଥିବା ଯୋଗୁ ବହୁ ଯୁବତୀଯୁବକଙ୍କ ଟଙ୍କା ଫେରିବାର ଆଶା ମଉଳି ଯାଇଛି। ଏଭଳି ନକଲି ସାର୍ଟିଫିକେଟ ରାକେଟରେ ବିନୀତ ସମ୍ପୃକ୍ତି ଥିବା ସନ୍ଦେହ ପ୍ରକାଶ ପାଇଛି। ମନୋଜଙ୍କ ସହ ବିନୀତ ନାଏକ ଲିଙ୍କ ନେଇ କ୍ରାଇମବ୍ରାଞ୍ଚ ଖୋଳତାଡ଼ କଲେ କଳାହାଣ୍ଡି ଘଟଣା ପ୍ରଘଟ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।


ଶ୍ରୀକାନ୍ତ ମଲ୍ଲିକଙ୍କ ସୁଇସାଇଡ ନୋଟ।

### ବିନୀତ ପାଇଁ ଆତ୍ମହତ୍ୟା କରିଥିଲେ ଶ୍ରୀକାନ୍ତ

# ନକଲି ସ୍କୁଲ ଲିଭିଂ ସାର୍ଟିଫିକେଟ ଦେଇ ଅଙ୍ଗନୱାଡି ଚାକିରି

ଭବାନୀପାଟଣା,୯।୪(ସ୍ୱ.ପ୍ର.)

### କାର୍ଯ୍ୟରୁ ବରଖାସ୍ତ ପାଇଁ ଡିଏସଡବ୍ଲ୍ୟୁଙ୍କ ନିର୍ଦ୍ଦେଶ

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ଦେପୁର ସେକ୍ଟର ଅଧୀନ ଉପକାଭଟ୍ଟାର ଅଙ୍ଗନୱାଡ଼ି କର୍ମୀ ଝୁନୁପମା ଶତପଥୀ ନକଲି ସ୍କୁଲ ଲିଭିଂ ସାର୍ଟିଫିକେଟ ଦେଇ ଚାକିରି କରିଥିବା ଅଭିଯୋଗ ହୋଇଛି। ଏହା ପରେ ତାଙ୍କୁ ବହିଷ୍କାର ପାଇଁ ଭବାନୀପାଟଣା ଡିଏସ୍‌ଡବ୍ଲ୍ୟୁ ପକ୍ଷରୁ ଗ୍ରାମୀଣ ଆଇସିଡିଏସ ସିଡିପିଓଙ୍କୁ ନିର୍ଦ୍ଦେଶ ଦେବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକାଶ ଯେ, ଉପକାଭଟ୍ଟା ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀ ଭାବେ ଝୁନୁପମା ଶତପଥୀ ନିଯୁକ୍ତି ପାଇଥିଲେ। ସେ ଭବାନୀପାଟଣା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରୁ ଆଣିଥିବା ସ୍କୁଲ ଲିଭିଂ ସାର୍ଟିଫିକେଟ ନକଲି ଥିବା ଜଣାପଡ଼ିବା ପରେ ଏହି ସ୍କୁଲ ପରିତ୍ୟାଗ ସାର୍ଟିଫିକେଟରେ ସ୍କୁଲରେ ୧୦।୦୩।୧୯୬୧ ଥିବାବେଳେ ଜାଲ କରି ଏହି ସାର୍ଟିଫିକେଟରେ ୧୯୬୫ ମାର୍ଚ୍ଚ ୧୦ ତାରିଖ ବୋଲି ଉଲ୍ଲେଖ କରିଥିଲେ। ଘଟଣାର ତଦନ୍ତ ପରେ ସ୍କୁଲର ପରିତ୍ୟାଗ ସାର୍ଟିଫିକେଟ ସହ ତାଳମେଳ ରହି ନ ଥିଲା। ଏହି ଘଟଣାରେ କଳାହାଣ୍ଡି ଡିଏସଡବ୍ଲ୍ୟୁ ଚିଠି ନଂ୧୯୩/୧୯।୦୧।୨୦୨୩ରେ ଝୁନୁପମାଙ୍କୁ କାର୍ଯ୍ୟରୁ ବହିଷ୍କାର ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ୨୦୨୧ ଏପ୍ରିଲ ୧ରୁ ବର୍ତ୍ତମାନ ପର୍ଯ୍ୟନ୍ତ ଦରମା ଟଙ୍କା ଭରଣା ପାଇଁ ପଦକ୍ଷେପ ନେବା ସହ ଅପରାଧିକ ମାମଲା ରୁଜୁ କରିବାକୁ ଭବାନୀପାଟଣା ଗ୍ରାମୀଣ ସିଡିପିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାର ତଦନ୍ତ ପାଇଁ ଅଞ୍ଜନ ରଥ ଜିଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲେ। ଘଟଣା ପ୍ରଘଟ ହେବା ପରେ ନକଲି ସାର୍ଟିଫିକେଟ ଥିବା ବହୁ ଅଙ୍ଗନୱାଡି କର୍ମୀ ଓ ଅନ୍ୟ ବିଭାଗୀୟ କର୍ମଚାରୀଙ୍କ ମଧ୍ୟରେ ଏବେ ଛନକା ପଶିଛି।

# ୩ ଶହ ରୋଗୀ, ପରିଜନଙ୍କୁ ଅନ୍ନ ବଣ୍ଟନ



ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ରୋଗୀ ଓ ପରିଜନଙ୍କୁ ଖାଦ୍ୟ ବଣ୍ଟନ କରାଯାଉଛି।

ବଲାଙ୍ଗୀର ଅଫିସ, ୯।୪

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ପ୍ରତିଦିନ ବଲାଙ୍ଗୀର ସମେତ ସୁବର୍ଣ୍ଣପୁର, ବୌଦ୍ଧ, କଳାହାଣ୍ଡି, ନୂଆପଡା, ବରଗଡ ଭଳି ପଡୋଶୀ ଜିଲାର ରୋଗୀମାନେ ଚିକିତ୍ସା ପାଇଁ ଆସିଥାନ୍ତି। ରବିବାର ହସ୍ପିଟାଲ ଭିତରେ ଥିବା ଆହାର କେନ୍ଦ୍ର ବନ୍ଦ ରହୁଥିବାରୁ ବିଶେଷକରି ଗରିବ ଶ୍ରେଣୀର ରୋଗୀ ଏବଂ ପରିଜନମାନେ ଖାଦ୍ୟ ପାଇଁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଆର୍ଥିକ ସଙ୍କଟରେ ଗତି କରୁଥିବା ଗରିବ ଶ୍ରେଣୀର ରୋଗୀ ତଥା ରୋଗୀ ପରିଜନଙ୍କୁ ରବିବାର ଖାଦ୍ୟ ଯୋଗାଇବା ଲକ୍ଷ୍ୟ ନେଇ ସାମାଜିକ ସଂସ୍ଥା ସହଯୋଗ ଫାଉଣ୍ଡେସନ୍ ପକ୍ଷରୁ ଅନ୍ନପୂର୍ଣ୍ଣା କାର୍ଯ୍ୟକ୍ରମ ଜରିଆରେ ୩ ଶହରୁ ଉର୍ଦ୍ଧ୍ୱ ରୋଗୀ ଏବଂ ରୋଗୀ ପରିଜନଙ୍କୁ ମଧ୍ୟାହ୍ନଭୋଜନ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସହଯୋଗ ଫାଉଣ୍ଡେସନର ଅନୀଲ ମୋଦୀ, ଆର୍ତ୍ତତ୍ରାଣ ପାଢ଼ୀ, ତୋଫାନ୍ ପାତ୍ର, ପ୍ରଭାତ ଶ୍ରୀବାସ୍ତବ, ପ୍ରମୋଦ ସାହୁ, ଦୀପକ ଛାପଡିଆ, ସନ୍ତୋଷ ଲାଠ୍, ନାନ୍‌କି ଅଗ୍ରୱାଲ, ପିଙ୍କି ମୋଦୀ, ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିଭାବେ ସମାଜସେବୀ ଗୋପାଳଜୀ ପାଣିଗ୍ରାହୀ ଓ ବୀରେନ୍ଦ୍ର କୁମାର ଝାଙ୍କର ଯୋଗ ଦେଇଥିଲେ। ଗତ ପ୍ରାୟ ୬ମାସ ହେଲା ସହଯୋଗ ଫାଉଣ୍ଡେସନ ପକ୍ଷରୁ ହସ୍ପିଟାଲ କ୍ୟାମ୍ପସରେ ରୋଗୀ ଓ ରୋଗୀ ପରିଜନଙ୍କୁ ମାଗଣାରେ ଖାଦ୍ୟ ଯୋଗାଇ ଦିଆଯାଉଛି।

# ୪ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭବାନୀପାଟଣା,୯।୪(ସ୍ୱ.ପ୍ର.)

ଭବାନୀପାଟଣା ପ୍ରାଥମିକ ଶିକ୍ଷକ ଭବନଠାରେ ସଦର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ମାର୍ଚ୍ଚରେ ଅବସର ଗ୍ରହଣ କରିଥିବା ସ୍ଥାନୀୟ ବ୍ଲକର ୪ଜଣ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସଦର ଏବିଇଓ ଜୟକୁମାର ମାଝି, ସମ୍ମାନିତ ଅତିଥି ଜିଲା ପ୍ରାଥମିକ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ଧୀରେନ୍ଦ୍ର ପଟ୍ଟନାୟକ, ଜିଲା ଯୁଗ୍ମ ସମ୍ପାଦକ ଉପେନ୍ଦ୍ର ପଧାନ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଯୋଗେଶ୍ୱର ମିଶ୍ର, ଶ୍ରୀନିବାସ ଆଚାରୀ, ଅମରେନ୍ଦ୍ର ପଟ୍ଟନାୟକ, ଦିଲୀପ ଖାନସମା, ସଦର ବ୍ଲକ ଉପସଭାନେତ୍ରୀ ସଂଯୁକ୍ତା ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ସଦର ବ୍ଲକ ସଭାପତି ବଶିଷ୍ଠ ଭୋଇ ସଭାପତିତ୍ୱ କରିଥିଲେ। ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ବ୍ଲକ ସମ୍ପାଦକ ପ୍ରଦ୍ୟୁମ୍ନ ହୋତା। ସଭା ପରିଚାଳନା କରିଥିଲେ ଥୁଆମୂଳ ରାମପୁର ବ୍ଲକ ସଭାପତି ଅଜିତ କୁମାର ନାୟକ। ଏହି ଅବସରରେ ଅର୍କାବାହାଲିପଡା ୟୁପିସ୍କୁଲ ବରିଷ୍ଠ ଶିକ୍ଷୟିତ୍ରୀ ବିଜୟ ବାସନ୍ତୀ ମିଶ୍ର, କାଳୀମନ୍ଦିରପଡା ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ସ୍ନେହଲତା ଖାଡେଙ୍ଗା, ଲକ୍ଷ୍ମୀପୁର ୟୁପି ସ୍କୁଲ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ସାହୁ, ଚାଞ୍ଚେର ୟୁପି ସ୍କୁଲ ଶିକ୍ଷକ ବିପିନ ବିହାରୀ ରାଉତ ପ୍ରମୁଖଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ସଦର ବ୍ଲକ ଉପସଭାପତି ବେଣୁଧର ବିଶ୍ୱାଳ, କୋଷାଧ୍ୟକ୍ଷ ଭୋଜରାଜ ମାଝି, ନର୍ଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଅମିତ ଶର୍ମା, ନର୍ଲା ବ୍ଲକ ଶିକ୍ଷକ ପ୍ରମୋଦ କୁମାର ସାହୁ, ସଦର ବ୍ଲକ ଯୁଗ୍ମ ସମ୍ପାଦକ ସାନ ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ଭରତ


@ ସୁମିତ


@ ସରୋଜ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୨୮ ବର୍ଷରେ ପଣ୍ଡରାଣି ରାମଲୀଳା


ରାମଲୀଳା ନାଟକର ଏକ ଦୃଶ୍ୟ।

ଲୋଇସିଂହା,୯।୪(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ପଣ୍ଡରାଣି ଗ୍ରାମରେନ୍ ଆୟୋଜିତ ଶ୍ରୀରାମ ଲୀଳା ଚଳିତ ବର୍ଷ ୨୮ବର୍ଷରେ ପଦାର୍ପଣ କରିଛି। ଏହି ଅବସରରେ ପ୍ରତ୍ୟହ ଦିନବେଳା ବାଲ୍ମିକୀ ରାମାୟଣ ପାରାୟଣ ଏବଂ ରାତିରେ ରାମଲୀଳା ନାଟ ପରିବେଷଣ କରାଯାଉଛି। ଦୀର୍ଘ ୧୪ ଦିନ ଧରି ଶ୍ରୀରାମଙ୍କ ଲୀଳା ଉପରେ ନାଟକ ପରିବେଷଣ ହେଉଛି। ରବିବାର ରାତିରେ ସୀତା ଚୋରି ଦୃଶ୍ୟଅଭିନିତ ହୋଇଥିଲା। ଗ୍ରାମର ନବାଗତ ଓ ପରୁଖା କଳାକାର ନିଖୁଣ ଅଭିନୟ ଦର୍ଶକଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖୁଛି। ରାମଲୀଳା ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବ । ରାମଲୀଳାରେ ପୂଜକ ଭାବେ ବାବଜୀ ଗୋପାଳ ଦାସ ଓ ନିରୋଜ ତ୍ରିପାଠୀ କାର୍ଯ୍ୟ କରୁଛନ୍ତି। ପୂଜାକର୍ତ୍ତା ଭାବେ ପ୍ରଫୁଲ୍ଲ ଥାର୍ଟି ଓ ସ୍ୱର୍ଣ୍ଣ ବେହେରା ନିର୍ବାହ କରୁଛନ୍ତି।

# ବିଧାୟକଙ୍କ ଦ୍ୱାରା ନୂତନ ଶ୍ରେଣୀ ଗୃହ ଉଦ୍‌ଘାଟିତ

ଜୁନାଗଡ଼,୯।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ସହରସ୍ଥିତ ଚମେଲିଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୂତନ ଶ୍ରେଣୀ ଗୃହ ରବିବାର ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷା ସୁଧିରା ମେହେର, ବ୍ଲକ ଅଧ୍ୟକ୍ଷା ସବିତା ମେହେର, ଉପାଧ୍ୟକ୍ଷ ପ୍ରମୋଦ ବେହେରା, ଏନଏସି ଉପାଧ୍ୟକ୍ଷା ହିମାଦ୍ରୀ ନାଏକ, ବିସିସିବି ଡାଇରେକ୍ଟର ମନୀଷା ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀମାନଙ୍କୁ ଉଚ୍ଚ ଶିକ୍ଷା ପାଇବା ପାଇଁ ଯୁକ୍ତ ୩ ଓ ବିଜ୍ଞାନ ଓ ବାଣିଜ୍ୟ ବିଭାଗ ଖୋଲିବା ସହ ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦେବା ପାଇଁ ସବୁ ପ୍ରକାର ଉଦ୍ୟମ କରିବି ବୋଲି ବିଧାୟକ ମିଶ୍ର ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମ ଜୁନାଗଡ଼ ବିଡ଼ିଓ ଦୁଲାରାମ ମାରାଣ୍ଡି ପରିଚାଳନା କରିଥିବାବେଳେ ବିଦ୍ୟାଳୟ ଅଧ୍ୟକ୍ଷା ପ୍ରିୟ ମଞ୍ଜରୀ ପଣ୍ଡା ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିବା ବେଳେ ପୂର୍ବତନ ନଗରପାଳ ମହେଶ ସାହୁ, ଦିନେଶ ବର୍ଗର୍ତ୍ତି ପ୍ରମୁଖ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।



ଶ୍ରେଣୀ ଗୃହ ଉଦ୍‌ଘାଟନ ଉତ୍ସବରେ ବିଧାୟକ ଉଦ୍‌ବୋଧନ ଦେଉଛନ୍ତି।

# ନିମ୍ନମାନର ରାସ୍ତା କାମ ଅଭିଯୋଗ

ଖଡ଼ିଆଳ,୯।୪(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ବିରିଘାଟ ଗ୍ରାମ ପଞ୍ଚାୟତ କୁଶମାଲ ଗ୍ରାମ ମାଲିମୁଡ଼ିଆ ପଡାକୁ ହେଉଥିବା ରାସ୍ତା କାର୍ଯ୍ୟ ବିନା ସୂଚନା ଫଳକରେ ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ହୋଇଛି। ପଡାବାସୀଙ୍କ ଅଭିଯୋଗ ଅନୁଯାୟୀ ଲାଞ୍ଜିକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାଠାରୁ ମାଲିମୁଡିଆ ପଡାକୁ ବର୍ତ୍ତମାନ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ହେଲେ ରାସ୍ତା ନିର୍ମାଣ କାର୍ଯ୍ୟ ସରକାରୀ ନିୟମ ଅନୁଯାୟୀ ହେଉ ନ ଥିବା ବେଳେ ନିମ୍ନମାନର ଧଳା ମେଟାଲ ରାସ୍ତା ନିର୍ମାଣରେ ବ୍ୟବହାର କରାଯାଉଛି। ଅନେକ ସ୍ଥାନରେ କମ ପରିମାଣର ଧଳା ମେଟାଲ ବିଛା ଯାଇଛି। ଫଳରେ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏହି ରାସ୍ତା ୫୦୦ ମିଟର ପର୍ଯ୍ୟନ୍ତ ହେଉଥିବା ବେଳେ ଖଡ଼ିଆଳ ପଞ୍ଚାୟତ ସମିତି ଅଧୀନରେ ହେଉଥିବା ଜଣାପଡ଼ିଛି। ଏହି ରାସ୍ତାର ଅଟକଳ ପରିମାଣ ଜଣା ପଡି ନ ଥିବା ବେଳେ ୮ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଯେଉଁ ଠିକାଦାରମାନେ କାର୍ଯ୍ୟ କରୁଛନ୍ତି, ସେମାନେ ନିଜ ଇଚ୍ଛାରେ କାର୍ଯ୍ୟ କରୁଛନ୍ତି। ସରକାରୀ ନିୟମ ଅନୁଯାୟୀ ପଞ୍ଚାୟତସ୍ତରୀୟ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ସୂଚନା ଫଳକରେ ରାସ୍ତାର କାର୍ଯ୍ୟ ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା କଥା। ହେଲେ ଏଠାରେ ତାର ବ୍ୟତିକ୍ରମ ଦେଖା ଦେଇଛି। ଏ ନେଇ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ମଧୁସ୍ମିତା ସିଂଙ୍କୁ ଯୋଗାଯୋଗ କରିବାରୁ ଇଷ୍ଟିମେଟରେ ଯାହା ଅଛି ସେହିପରି ହେବ, କ୍ରଶର ମେଟାଲରେ କାମ ହେବ, ସୂଚନା ଫଳକ ତୁରନ୍ତ ତିଆରି କରାଯିବ ବୋଲି ପ୍ରକାଶ କରିଥିଲେ।


ନିର୍ମାଣାଧୀନ କୁଶମାଲ ମାଲିମୁଡ଼ିଆ ପଡ଼ା ରାସ୍ତା।

**ବିଦ୍ୟାଳୟରେ ନାମଲେଖା ପାଇଁ ସଚେତନତା**

ବୋଡେନ,(ଡି.ଏନ.ଏ.): ନୂଆପଡ଼ା ଜିଲା ବୋଡେନ ବ୍ଲକ ବୋଇରଗାଁ ସ୍ଥିତ କସ୍ତୁରବା ଗାନ୍ଧି ବାଳିକା ବିଦ୍ୟାଳୟରେ ନାମଲେଖା ପାଇଁ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନରେ ଏକ ସଚେତନତା ରଥ ବ୍ଲକର ୧୫ ପଞ୍ଚାୟତ ଅନ୍ତର୍ଗତ ସମସ୍ତ ଗ୍ରାମ ପରିକ୍ରମା କରିବ। ବିଦ୍ୟାଳୟ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ଉପରେ ଛାତ୍ରୀଛାତ୍ର ତଥା ଅଭିଭାବକଙ୍କୁ ସଚେତନ କରାଇବା କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ବଜ୍ରପାତରେ ନାବାଳିକାଙ୍କ ମୃତ୍ୟୁ

କୋକସରା,୯।୪(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ସାନପୋଡ଼ା ଗ୍ରାମରେ ଶନିବାର ସନ୍ଧ୍ୟାରେ ଗ୍ରାମର ତରୁଣ ବାଗଙ୍କ ନାବାଳିକା ଝିଅ ମଧୁସ୍ମିତା ବାଗ(୧୩)ଙ୍କ ବଜ୍ରପାତରେ ମୃତ୍ୟୁ ଘଟିଥିବା ଜଣାପଡିଛି। ନାବାଳିକା ସନ୍ଧ୍ୟାରେ ଗାଁ ନିକଟସ୍ଥ ପୋଖରୀକୁ ସାଙ୍ଗମାନଙ୍କ ସହ ଯାଇଥିବା ବେଳେ ଘଡଘଡି ସହ ବର୍ଷା ହୋଇଥିଲା। ନାବାଳିକାଙ୍କ ଉପରେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ପୋଲିସ ରାତିରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋକସରା ଡାକ୍ତରଖାନାକୁ ପଠାଇଥିଲେ। ଏ ନେଇ ଆମପାଣି ଥାନାରେ ଏକ ମାମଲା (ନଂ.୨/୨୩) ରୁଜୁ କରି ଘଟଣାର ତଦନ୍ତ ଜାରିରଖିଥିବା ପୋଲିସ ସୂଚନା ଦେଇଛି। ଅନ୍ୟପକ୍ଷରେ ନାବାଳିକା ଚଳିତ ବର୍ଷ ଅଷ୍ଟମ ଶ୍ରେଣୀ ପାସ କରିଥିବା ଜଣାପଡିଛି। ନାବାଳିକାଙ୍କ ବାପା ତରୁଣଙ୍କ ପରିବାରରେ ୬ଝିଅଙ୍କ ମଧ୍ୟରୁ ମୃତା ନାବାଳିକା ଚତୁର୍ଥ କନ୍ୟା ହୋଇଥିବା ବେଳେ ଗତ ଫେବୃୟାରୀରେ ୨ୟ କନ୍ୟାଙ୍କ ବିବାହ ପରେ କରଜ ସୁଝିବାକୁ ଗତ ସପ୍ତାହରେ ଦାଦନ ଖଟିବାକୁ ଯାଇଛନ୍ତି। ଘରେ କେବଳ ମା’ ଓ ଭଉଣୀ ଓ ସାନ ଭାଇ ରହିଛନ୍ତି। ଝିଅର ମୃତ୍ୟୁ ଖବର ପାଇ ବାପା ଘରକୁ ଫେରୁଥିବା ବେଳେ ଗାଁରେ ଶୋକାକୁଳ ପରିବେଶ ଦେଖାଦେଇଛି।


ମୃତ ନାବାଳିକାଙ୍କ ଫାଇଲ ଫଟୋ।

### ଆସୀନ ଦାସ ପ୍ରବେଶିକା ପରୀକ୍ଷାରେ ଟପ୍ପର

ଖଡ଼ିଆଳ,୯।୪(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ବାଦୀ ଶିକ୍ଷାନୁଷ୍ଠାନର ଷଷ୍ଠ ଶ୍ରେଣୀର ପ୍ରବେଶିକା ପରୀକ୍ଷାରେ ଖଡ଼ିଆଳ ମିଶନ ୱାର୍ଡ ନମ୍ବର ଏକର ସୁଶ୍ରୀ ଆହାନା ଅସିନ ଦାସ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବାପା ଜଗଦିପ କୁମାର ଦାସ ଓ ମା’ ସମୀକ୍ଷାମୟୀ କଲେଟ ଦୁହେଁ ଶିକ୍ଷକତା କରୁଛନ୍ତି ଏବଂ ସେ ତାଙ୍କ ପିତାମାତାଙ୍କ ଜ୍ୟେଷ୍ଠା କନ୍ୟା ଅଟନ୍ତି। ସୁଶ୍ରୀ ଦାସ ଖଡ଼ିଆଳସ୍ଥିତ ଇମ୍ପେରିଆଲ ପ୍ରେସିଡେନସି ସ୍କୁଲରେ ଶିକ୍ଷଲାଭ କରୁଛନ୍ତି। ପିଲାଦିନରୁ ସିଭିଲ ସର୍ଭିସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପ୍ରଶାସନିକ ଅଧିକାରୀ ହେବା ପାଇଁ ଲକ୍ଷ୍ୟ ରଖିଛନ୍ତି। ସୁଶ୍ରୀ ଦାସ ନିଜର ସଫଳତା ନିମନ୍ତେ ପ୍ରଥମେ ପ୍ରଭୁଙ୍କୁ ଧନ୍ୟବାଦ ଦେବା ସହ ପିତାମାତାଙ୍କ ଆଶୀର୍ବାଦ ଓ ଇମ୍ପେରିଆଲ ପ୍ରେସିଡେନସି ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଧକ୍ଷ ଡା. ଅସିତ କୁମାର ସୁପକାରଙ୍କ ସୁନିୟନ୍ତ୍ରିତ ବିଦ୍ୟାଳୟ ପରିଚାଳନା ନିମନ୍ତେ ଧନ୍ୟବାଦ ଜଣାଇଛନ୍ତି। ଉକ୍ତ ବିଦ୍ୟାଳୟ ପ୍ରତି ଗୌରବମୟ ଅଧ୍ୟାୟ ସୃଷ୍ଟି ହୋଇଛି। ଏହେତୁ ସମସ୍ତ ବନ୍ଧୁବର୍ଗ ଓ ଖଡ଼ିଆଳବାସୀଙ୍କ ତରଫରୁ ସୁଶ୍ରୀ ଆହାନା ଅସିନ ଦାସଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି।



### ଫ୍ଲଡ୍ ଲାଇଟ କ୍ରିକେଟ: ଝାଲକୁସୁମ ବିଜୟୀ

ଖଡ଼ିଆଳ,୯।୪(ଡି.ଏନ.ଏ.): ନୂଆପଡା ଜିଲା ଖଡିଆଳ ବ୍ଲକ ଚନାବେଡା ରାଧାକୃଷ୍ଣ ଖେଳପଡିଆଠାରେ ଦିତୀୟ ଫ୍ଲଡ଼ ଲାଇଟ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ପ୍ରଥମ ଦିନର ଖେଳରେ ଝାଲକୁସୁମ ଦଳ ରୋହେନପଦର ଦଳକୁ ୧୦ ରନରେ ହରାଇ ବିଜୟୀ ହୋଇଛି। ମୁଖ୍ୟଅତିଥି ଭାବେ ଜିଲା ବିଜେଡି ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ, ଜିଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ବେହେରା, କୁନୁ କରୁଆଁ, ବିଜେଡି ଜିଲା ଉପସଭାପତି ମନୋଜ ଦୀପ, ନିମାଇଁ ଚରଣ ବେହେରା ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଟୁର୍ନାମେଣ୍ଟରେ ଜିଲାର ମୋଟ ୧୬ ଗୋଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଆସନ୍ତା ୧୦ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଫ୍ଲଡ଼ ଲାଇଟ କ୍ରିକେଟ ଟୁର୍ନାମେଣ୍ଟର ଆୟୋଜକ ପ୍ରଶାନ୍ତ ବେହେରା, ମଲ୍ଲିକ, ଉମାକାନ୍ତ ତାଣ୍ଡି ପ୍ରମୁଖ ସକ୍ରିୟ ଭାବେ ଅଂଶ କରି ଖେଳ ପରିଚାଳନା କରିଥିଲେ।

# ସୁଇପର ଭରସାରେ ଚାଲିଛି ରୋଗୀ ସେବା

## କୁଲିଆବନ୍ଧା ସରକାରୀ ହୋମିଓପାଥିକ ଚିକିତ୍ସାଳୟ

- ୪ ବର୍ଷରୁ ଉର୍ଦ୍ଧ୍ୱ ହେବ ଡାକ୍ତର ନାହାନ୍ତି
- ଚିକିତ୍ସାଳୟରେ ବିଦ୍ୟୁତ୍ ସଂଯୋଗ ନାହିଁ



ନୂଆପଡ଼ା ଅଫିସ,୯।୪

ରାଜ୍ୟ ସରକାର ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ବିଭିନ୍ନ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଉପାନ୍ତ ନୂଆପଡା ଜିଲାରେ ସବୁ ଫେଲ ମାରୁଛି। ପାର୍ଟଟାଇମ ସୁଇପର ରୁପସିଂ ମାଝିଙ୍କ ଭରସାରେ ଚାଲିଛି ନୂଆପଡା ସଦର ବ୍ଲକ କୁଲିଆବନ୍ଧା ଗାଁରେ ଥିବା ହୋମିଓପାଥିକ ଚିକିତ୍ସାଳୟ। ୧୯୮୦ ଏପ୍ରିଲ ୧ରେ ହୋମିଓପାଥିକ ଚିକିତ୍ସାଳୟ ସ୍ଥାପିତ ହୋଇଛି। ଏଠାରେ କୌଣସି ସ୍ଥାୟୀ ନିଯୁକ୍ତ କର୍ମଚାରୀ ନ ଥିବାରୁ ସବୁ କାମ ପାର୍ଟ ଟାଇମ ସୁଇପର ଚଳାଇ ନେଉଛନ୍ତି। ନୂଆପଡା ସଦର ବ୍ଲକ ସିଆଲଟି ଗାଁରେ ଥିବା ସରକାରୀ ହୋମିଓପାଥିକ ଚିକିତ୍ସାଳୟରେ ନିଯୁକ୍ତ ଡାକ୍ତର ନମିତା ଦାସଙ୍କୁ ଏଠାରେ ଡେପୁଟେଶନରେ ଦେଇଛନ୍ତି। ସେ ସପ୍ତାହରେ ଥରେ ଦୁଇ ଥର ଆସି ରୋଗୀ ଦେଖିବା କଥା। ସେ କେବେ ମଧ୍ୟ ଆସି ନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ସରକାରୀ ହୋମିଓପାଥିକ ଚିକିତ୍ସାଳୟରେ କୁଲିଆବନ୍ଧା, ଭାନପୁର, ବିରୋମାଲ, ବିଶୋରା, କାଦୋମେରି, ପରକୋଡ, ବେଲଟୁକୁରୀ, ଜାମପାନି ଆଦି ପଞ୍ଚାୟତ ସମେତ ଛତିଶଗଡର ବାଗବାହାରା, କୋମାଖାନ ଅଞ୍ଚଳର ପ୍ରାୟ ୭୦ରୁ ଉର୍ଦ୍ଧ୍ୱ ଗାଁର ଲୋକେ ନିର୍ଭର କରନ୍ତି। ଦିନକୁ ଶହ ଶହ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଅସୁଥିଲେ। ପ୍ରାୟ ୪ ବର୍ଷରୁ ଉର୍ଦ୍ଧ୍ୱ ହେବ ଏଠାରେ ଡାକ୍ତର ନ ଥିବାରୁ ସାମାନ୍ୟ ରୋଗୀ ଆସିଲେ ସୁଇପର କାମ ଚଳାଇ ନେଉଥିବା ଗ୍ରାମବାସୀ କହିଛନ୍ତି। ଅତ୍ୟଧିକ ଜ୍ୱର ଏବଂ ଅନ୍ୟ ରୋଗରେ ପଡି ଦୂରଦୂରାନ୍ତରୁ ରୋଗୀମାନେ ଆସି ଅସୁବିଧାର ସମ୍ମୁଖିନ ହୋଇ ଅଧିକ ଖର୍ଚ୍ଚାନ୍ତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଉଥିବା ଅଭିଯୋଗ ହେଉଛି। ଏହି ହୋମିଓପାଥିକ ଚିକିତ୍ସାଳୟ ଜରାଜିର୍ଣ୍ଣ ଅବସ୍ଥାରେ ରହିଛି। ନାଁ ଚାଲିଛି ରୋଗୀସେବା ନାଁ ଆସୁଛନ୍ତି ଡାକ୍ତର। ଚିକିତ୍ସାଳୟର ଚର୍ତୁଦିଗରେ ଚାହିଁଲେ ଅନାବନା ଘାସ ଉଠି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଲାଣି। ଚିକିତ୍ସାଳୟରେ ତାର ଲାଗିଛି, ବିଦ୍ୟୁତ ସଂଯୋଗ ନାହିଁ। ଏହି ଚିକିତ୍ସାଳୟକୁ ଲକ୍ଷ ଲକ୍ଷ ଟଙ୍କାର ଔଷଧ ଆସୁଛି। ହେଲେ କର୍ମଚାରୀ ନାହିଁ। ସୁଇପର ରୁପସିଂ ମାଝି ରୋଗୀଙ୍କୁ ପଚାରି ଔଷଧ ଦେଉଛନ୍ତି। କେଉଁ ରୋଗୀଙ୍କୁ କେଉଁ ଔଷଧ ଦେଉଛନ୍ତି ଖୋଦ ଭଗବାନ ହିଁ ଜାଣିବେ। ଚିକସାଳୟ ସବୁବେଳେ ବନ୍ଦ ହୋଇ ରହିଥାଏ। ଔଷଧ ନେବାକୁ ହେଲେ ସୁଇପରଙ୍କୁ ଘରକୁ ଯାଇ ଡାକି ଆଣିବାକୁ ପଡେ। ଡେପୁଟେଶନରେ ଥିବା ଡାକ୍ତର ନମିତା ଦାସଙ୍କୁ ପଚାରିବାରୁ ମୁଁ ମାସକୁ ଥରେ ଯାଉଥିଲି। ଉପାନ୍ତ ଅଞ୍ଚଳ ଯିବା ସୁବିଧା ନ ଥିବାରୁ ଯାଇ ପାରୁନାହିଁ ବୋଲି କହିଥିଲେ। ଏ ସଂକ୍ରାନ୍ତରେ ଡିଏଚଏମଓ ଭବାନୀପାଟଣା ଡା.ବିଜୟଲକ୍ଷ୍ମୀ ବେହେରାଙ୍କୁ ପଚାରିବାରୁ ଡାକ୍ତର ପୋଷ୍ଟ ଆମେ ଦେଇ ପାରିବୁ ନାହିଁ। ସରକାରଙ୍କସ୍ତରରୁ ନିଯୁକ୍ତ ହୋଇଥାନ୍ତି। ବର୍ତ୍ତମାନ ଓପିଏସସି ପରୀକ୍ଷା ହେବାର ଅଛି। ଯେଉଁଠାରେ ଖାଲି ପଡିଛି, ଆମେ ସରକାରଙ୍କୁ ଜଣାଇଦେବୁ। କଳାହାଣ୍ଡି ଓ ନୂଆପଡା ଜିଲାରେ ୨୨ରୁ ୧୧ଜଣ ରହିଛନ୍ତି। ସେଥି ମଧ୍ୟରୁ ନୂଆପଡା ଜିଲାରେ ସିଆଲଟି, ଖଇରା ଓ ଗଣ୍ଡାବାହାଲିରେ ଡାକ୍ତର ରହିଥିବା ବେଳେ କୁଲିଆବନ୍ଧା ଓ ଦାବ୍ରିରେ ଖାଲି ପଡିଛି। ସିଆଲଟିରେ ଥିବା ଡାକ୍ତରଙ୍କୁ ବୁଝି ୩ ଦିନ କୁଲିଆବନ୍ଧା ଓ ୩ ଦିନ ସିଆଲଟି କରି ଦିଆଯିବ ବୋଲି କହିଥିଲେ।

# ରାଜ୍ୟ ସଭା ସଦସ୍ୟଙ୍କ ୧୦ ପଞ୍ଚାୟତ ପରିଦର୍ଶନ


ଭାନପୁର ଗ୍ରାମପଞ୍ଚାୟତରେ ଆଲୋଚନା କରାଯାଉଛି।

କେସିଙ୍ଗା,୯।୪(ଡି.ଏନ.ଏ.)

## ବିଭିନ୍ନ ଉନ୍ନୟନ ମୂଳକ ବିଷୟ ଆଲୋଚନା

କଳାହାଣ୍ଡି ଜିଲା ପରିଷଦ ଅଧୀନ ୧୦ଟି ଗ୍ରାମପଞ୍ଚାୟତ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ରବିବାର ପରିଦର୍ଶନ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ସରପଞ୍ଚଙ୍କ ସହିତ ଆଲୋଚନା କରିଛନ୍ତି। ପରିଦର୍ଶନରେ ରାଜ୍ୟ ସରପଞ୍ଚ ସଂଘ ରାଜ୍ୟ ସଭାପତି ରୋମାଞ୍ଚଳ ସାହୁ, କଳାହାଣ୍ଡି ଜିଲା ସରପଞ୍ଚ ସଂଘ ଜିଲା ସଭାପତି ସୁବୋଧ ରଣା, ଯୁଗ୍ମସମ୍ପାଦକ ଦେବେନ୍ଦ୍ର ସା, ବ୍ଲକ ସରପଞ୍ଚ ସଂଘ ସଭାପତି ଅନନ୍ତ ରାମ ମାଝି, ବାଗପୁର ସରପଞ୍ଚ ଗୋପାଳ ବାଗ, ରାହୁଲ ସାହୁଙ୍କ ସମେତ ଜିଲା ପରିଷଦ ସଭ୍ୟା ୧ ନମ୍ରତା ସାହୁ, ହରିଶଙ୍କର ମାଝି ଜିଲା ପରିଷଦ ସଭ୍ୟ-୨ ଏବଂ ଘଣ୍ଟମାଲ, ବାଗପୁର, ତୁଲାପଡା, ବାଲସିଙ୍ଗା, ଅଲାତରା, ମଦନପୁର, ନୂନପୁର ଇତ୍ୟାଦି ୧୦ଟି ଗ୍ରାମ ପଞ୍ଚାୟତ ପରିଦର୍ଶନ କରିଥିଲେ। ରାସ୍ତା ଘାଟ, ପାନୀୟଜଳ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଶିକ୍ଷା, ସ୍ୱାସ୍ଥ୍ୟ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟ କିପରି ଗ୍ରାମାଞ୍ଚଳରେ ଆଗେଇ ନେଇ ବିଭିନ୍ନ ସମସ୍ୟା ଦୂର କରାଯିବ ସେ ବିଷୟ ନେଇ ସରପଞ୍ଚ ଓ ଜିଲା ପରିଷଦ ସଭ୍ୟାସଭ୍ୟଙ୍କ ସହ ଆଲୋଚନା କରିଥିଲେ।

# ଡିଲେଶ୍ୱର ରଣାଙ୍କ ଉପନ୍ୟାସ ‘ମେଳିଭୂଇଁ’ ଲୋକାର୍ପିତ



ଡିଲେଶର ରଣାଙ୍କ ଉପନ୍ୟାସ ‘ମେଳିଭୂଇଁ’ ଲୋକାର୍ପିତ।

ଭବାନୀପାଟଣା,୯।୪(ସ୍ୱ.ପ୍ର.)

ରେଣ୍ଡୋ ମାଝି କେବଳ କଳାହାଣ୍ଡିର ସ୍ୱାଭିମାନ ନୁହନ୍ତି, ସାରା ଭାରତର ସ୍ୱାଭିମାନ। ତାଙ୍କର ତ୍ୟାଗପୂତ ବଳିଦାନ ସମଗ୍ର ଯୁବ ପିଢ଼ି ପାଇଁ ପ୍ରେରଣାଦାୟୀ। ସେହି ମହାନ ସଂଗ୍ରାମୀଙ୍କୁ ଆମେ ସମସ୍ତେ ଯଥେଷ୍ଟ ସମ୍ମାନ ଦେବା ଆବଶ୍ୟକତା ଅଛି ବୋଲି ଉପନ୍ୟାସ ‘ମେଳିଭୂଇଁ’ର ଲୋକାର୍ପଣ ଉତ୍ସବରେ ଅତିଥିମାନେ କହିଛନ୍ତି। ଯୁବ କଥାକାର ଡିଲେଶର ରଣାଙ୍କ ପ୍ରଧାନମନ୍ତ୍ରୀ ଯୁବା ମେଣ୍ଟର୍ସିପ ପ୍ରାପ୍ତ ଉପନ୍ୟାସ ‘ମେଳିଭୂଇଁ’ର ଲୋକାର୍ପଣ ଉତ୍ସବ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଯୁବ ସଂସ୍କାର ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜୀବନଶୈଳୀ ଓ ସାହିତ୍ୟକୁ ନେଇ କାର୍ଯ୍ୟରତ ଅନୁଷ୍ଠାନ ଲାଇଫରେଚର୍ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ଯୋଗଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି କର୍ଣ୍ଣେଲ ପ୍ରଫେସର ସଞ୍ଜୟ କୁମାର ଶତପଥୀ, ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳସଚିବ ପୀତାମ୍ବର ଭୋଇ, ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର, କଳାହାଣ୍ଡି ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ତଥା ବିଶିଷ୍ଟ ଲେଖିକା ଡ. ପଲ୍ଲୀଶ୍ରୀ ପଟ୍ଟନାୟକ, ବିଶିଷ୍ଟ ଭାଷାବିତ୍ ତଥା ସାହିତ୍ୟିକ ପରମେଶର ମୁଣ୍ଡ ଯୋଗଦେଇଥିଲେ। ବିଶିଷ୍ଟ ବାଗ୍ମୀ ତଥା ଶିକ୍ଷାବିତ ସତ୍ୟନାରାୟଣ ମୁଣ୍ଡଛିନା ସଭାପତିତ୍ୱ କରିଥିବା ବେଳେ ସଭା ପରିଚାଳନା କରିଥିଲେ ଲାଇଫରେଚର୍ ଆବାହକ ସୁଧୀର କୁମାର ଧଙ୍ଗଡ଼ାମାଝି। ବିଶିଷ୍ଟ ବ୍ୟଙ୍ଗକବି ତଥା ସଙ୍ଗଠକ ବିରଞ୍ଚି ନାରାୟଣ ମୁଣ୍ଡ ଅତିଥି ପରିଚୟ ପ୍ରଦାନ କରିଥିଲେ। ଲାଇଫରେଚର୍ ଉପ-ସଭାପତି ଅଜିତ କୁମାର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଶତାଧିକ ଲେଖକ, ବୁଦ୍ଧିଜୀବୀ, କଳାକାର ଯୋଗଦେଇଥିଲେ। ସାହିତ୍ୟପ୍ରେମୀ ପୂର୍ଣ୍ଣକିଶୋର ଦାଶ, ପ୍ରଭାସ ଚନ୍ଦ୍ର ଟୋଲଟିଆ, ଜିତେନ୍ଦ୍ର କୁମାର ସାହୁ, ଜୟନ୍ତୀ ଭୋଇ ତଥା ଓଡ଼ିଆ ବିଭାଗ ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ।

# ଗାୟତ୍ରୀ ପରିବାରର ଜିଲା କାର୍ଯ୍ୟକାରିଣୀ ବୈଠକ

ଖଡ଼ିଆଳ,୯।୪(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡିଆଳ ଗାୟତ୍ରୀ ଶକ୍ତି ପିଠଠାରେ ନୂଆପଡା ଗାୟତ୍ରୀ ପରିବାରର ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗତ ତିନିମାସ ମଧ୍ୟରେ ଗାୟତ୍ରୀ ପରିବାରର ସକ୍ରିୟ ସଦସ୍ୟମାନଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ସଂସ୍କାର ମୂଳକ କାର୍ଯ୍ୟକ୍ରମ ଓ କୁଣ୍ଡଯଜ୍ଞ, ଦିପଯଜ୍ଞ, ସାମାଜିକ କାର୍ଯ୍ୟକ୍ରମ ତଥା ପ୍ରତ୍ୟେକ ବ୍ଲକର ମହିଳା ମଣ୍ଡଳ ଓ ସକ୍ରିୟ ସଦସ୍ୟଙ୍କ ସନ୍ଧ୍ୟାର ତ୍ରୈମାସିକ ରିପୋର୍ଟ କାର୍ଡର ବିବରଣୀ ପ୍ରସ୍ତୁତ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ରିପୋର୍ଟକୁ ଶାନ୍ତିକୁଞ୍ଜ ହରିଦାରଠାରେ ଥିବା ମୁଖ୍ୟ କାର୍ଯ୍ୟାଳୟ ପଠାଇବା ବ୍ୟବସ୍ଥା ସହିତ ଆଗାମୀ ଦିନର କାର୍ଯ୍ୟପନ୍ଥା ଉପରେ ସବିଶେଷ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଜିଲା ସଂଯୋଜକ ଜୟରାମ ଶବର, ନୂଆପଡା ଜୋନ ପ୍ରଭାରୀ କେତନ ସିଂ ବାରିକ, ଯୁବ ପ୍ରଭାରୀ ବ୍ୟାସ ନାରାୟଣ ଅହିର, ଯୁବ ସହ ପ୍ରଭାରୀ ଅର୍ଜୁନ ବାଗ, ଜିଲା ଉପଦେଷ୍ଟା ଶୈଳେଶ ଅଗ୍ରୱାଲ, ଖଡିଆଳ ଗାୟତ୍ରୀ ଶକ୍ତିପିଠର ମୁଖ୍ୟ ଟ୍ରଷ୍ଟି ରାଜକୁମାର ଅଗ୍ରୱାଲ, ଟୁକଲା ପରିବ୍ରାଜକ ଶତ୍ରୁଘନ ଆଚାର୍ଯ୍ୟ, ଖଡିଆଳ ପରିବ୍ରାଜକ ତ୍ରିଲୋଚନ ବିଶି, ନାରୀ ଜାଗରଣ ସଂଯୋଜିକା ମମତା ମଞ୍ଜରୀ ଥପା, ସହ ସଂଯୋଜିକା ଜୟନ୍ତୀ ଆଚାର୍ଯ୍ୟ, ବ୍ଲକ କୋର୍ଡିନେଟର ଶୋଭା ରାମ ଶବର, ନୂଆପଡା ବ୍ଲକ କୋର୍ଡିନେଟର ସେବା ରାମ ସାହୁ, ବରିଷ୍ଠ କାର୍ଯ୍ୟକର୍ତ୍ତା ରାଧେ ପ୍ରକାଶ ପଟେଲ, ପଦୁରାମ ସାହୁ, ମହିଳା କାର୍ଯ୍ୟକର୍ତ୍ତା ଦିପାଞ୍ଜଳି ଶବର, ଲତା ଦେବି ଗଉଡ଼, ସ୍ନେହଲତା ବାଗ, ବାସନ୍ତୀ ପରୁଆ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଭୋକେଶନାଲ ଟ୍ରେନର ଆସୋସିଏଶନ ପକ୍ଷରୁ ସାଧାରଣ ସଭା



ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ।

ନୂଆପଡ଼ା ଅଫିସ,୯।୪

ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମିଳନି କକ୍ଷରେ ଭୋକେଶନାଲ ଟ୍ରେନର ଆସୋସିଏଶନ ନୂଆପଡା ପକ୍ଷରୁ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଜିଲାର ୫ଟି ବ୍ଲକରୁ ୧୧ଜଣ ପ୍ରତିନିଧିଙ୍କ ସମେତ ମୋଟ ୮୬ଜଣ କାର୍ଯ୍ୟରତ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ। ଭୋକେଶନାଲ ଟ୍ରେନର ଆସୋସିଏଶନ ଜିଲା ସଭାପତି ସ୍ନେହାଶିଷ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଭୋକେଶନାଲ ଟ୍ରେନର ଆସୋସିଏଶନ ସଭାପତି ଶୁନୀଳ କୁମାର ଦେବତା ମୁଖ୍ୟଅତିଥି, ସମ୍ପାଦକ ସେକ ବେଲ ଲୁଦିନ ଅହମ୍ମଦ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଭୋକେସନାଲ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନିୟମିତ ଦରମା ମିଳୁ, ନିଯୁକ୍ତିକୁ ସ୍ଥାୟୀ କରାଯାଉ, ସମାନ କାମ କୁ ସମାନ ଦରମା ଦିଆଯାଉ, ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବେସରକାରୀ ସଂସ୍ଥାକୁ ନିୟୋଜିତ ନ କରିବା ଏହି ସବୁ ଦାବି ଉପରେ ରାଜ୍ୟ ସରକାରଙ୍କୁ ବାରମ୍ବାର ଅବଗତ କଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବାରୁ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବାକୁ ସଭାରେ ନିଷ୍ପତ୍ତି ନିଆଯାଇଛି। ଦିପ୍ତି ରଞ୍ଜନ ଖୁଣ୍ଟିଆ ସଭା ପରିଚାଳନା କରିଥିବା ବେଳେ ନୂଆପଡା ବ୍ଲକ ପ୍ରତିନିଧି ଦେବରାଜ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ଶୂନ୍ୟ ସପ୍ତାହ ଉପଲକ୍ଷେ ସାଇକେଲ ରାଲି

ଭବାନୀପାଟଣା,୯।୪(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ବିକାଶ ଡିଗ୍ରୀ ମହାବିଦ୍ୟାଳୟର ୟୁଥରେଡକ୍ରସ, ଏନଏସଏସ ୟୁନିଟ ଓ କଳାହାଣ୍ଡି ପରିବହନ ବିଭାଗ ମିଳିତ ଉଦ୍ୟମରେ ଶୁକ୍ରବାର ସଡକ ଦୁର୍ଘଟଣାଜନିତ ମୃତ୍ୟୁ ଶୂନ୍ୟ ସପ୍ତାହ ଉପଲକ୍ଷେ ସାଇକେଲ ରାଲି ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ନିର୍ଦ୍ଦେଶକ ଡି. ରାମ କୁମାରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ରାଲିରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଆଞ୍ଚଳିକ ପରିବହନ ଅଧିକାରୀ ଗତିକୃଷ୍ଣ ସାମନ୍ତରାୟ ଯୋଗଦେଇ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ରାଲି ସହରର ବିଭିନ୍ନ ସ୍ଥାନ ପରିକ୍ରମା କରି ଲୋକଙ୍କୁ ସଚେତନତା ପତ୍ର ବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ କୁଳସଚିବ ପୀତାମ୍ବର ଭୋଇ, କୁଳସଚିବ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ସାଇକେଲ ରାଲିରେ ବିଏସସି ବିଭାଗ ଅଧକ୍ଷ ଡ. ଆଦିତ୍ୟ କୁମାର ପଟ୍ଟନାୟକ, ବିବିଏ, ବିସିଏ ବିଭାଗ ଅଧକ୍ଷ ଡ. ସୁଦୀପ୍ତ କୁମାର ଜେନା ଓ ଅନ୍ୟ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ରହିଥିଲେ।

# ମୋହନଗିରି, ବେଲଖଣ୍ଡି ଶୈବପୀଠକୁ ୫-ଟିରେ ସାମିଲ ପାଇଁ ନିବେଦନ

ଭବାନୀପାଟଣା,୯।୪(ସ୍ୱ.ପ୍ର.)


ଅବିନାଶ ଠାକୁର।

ରାଜ୍ୟ ସରକାର ପ୍ରାଚୀନ ମନ୍ଦିରର ପୁନରୁଦ୍ଧାର ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ବିଶେଷ କରି ପ୍ରାଚୀନ ତଥା ଐତିହାସିକ ମନ୍ଦିର ଉନ୍ନତୀ କରିବା ପାଇଁ ୫-ଟି ରୂପାନ୍ତିକରଣ ପ୍ରକ୍ରିୟାରେ ସାମିଲ କରାଯାଉଛି। ଏହି କ୍ରମରେ ରବିବାର ପଶ୍ଚିମ ଓଡିଶା ବିକାଶ ପରିଷଦର ବିଶେଷଜ୍ଞ ସଦସ୍ୟ ଅବିନାଶ ଠାକୁର ନର୍ଲା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କେସିଙ୍ଗା ବ୍ଲକ ଐତିହାସିକ ଶୈବପୀଠ ବେଲଖଣ୍ଡି ଓ ମଦନପୁର ରାମପୁର ବ୍ଲକ ମୋହନଗିରୀର ପୁରାତନ ଶୈବପୀଠକୁ ୫-ଟି ମନ୍ଦିର ରୂପାନ୍ତରିକରଣ ପ୍ରକ୍ରିୟାରେ ସାମିଲ କରିବା ପାଇଁ ୫-ଟି ସଚିବ ଓ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କୁ ପତ୍ର ଲେଖି ନିବେଦନ କରିଛନ୍ତି। ଉଭୟ ଐତିହାସିକ ଶୈବପୀଠର ଉନ୍ନତି ହେଲେ ଆହୁରି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହ ନର୍ଲା ନିର୍ବାଚନ ମଣ୍ଡଳୀର ବିକାଶ ହୋଇପାରିବ ବୋଲି ପଶ୍ଚିମ ଓଡିଶା ବିକାଶ ପରିଷଦର ବିଶେଷଜ୍ଞ ସଦସ୍ୟ ଠାକୁର ପତ୍ର ଲେଖିଛନ୍ତି। ଏହାସହିତ ୫-ଟି ସଚିବଙ୍କ କଳାହାଣ୍ଡି ଗସ୍ତ ସମୟରେ ୨ଟି ମନ୍ଦିର ପରିଦର୍ଶନ କରିବା ପାଇଁ ଅନୁରୋଧ କରିଛନ୍ତି।

# ବିଜେପୁରକୁ ହରାଇ ଟାଙ୍ଗନକଣା ଚାମ୍ପିୟନ

ଲାଞ୍ଜିଗଡ଼,୯।୪(ଡି.ଏନ.ଏ.)


ଫାଇନାଲ ମ୍ୟାଚ୍‌ରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

## ବିଷମୁଣ୍ଡ ବୁଢାରାଜା ନକ୍‌ଆଉଟ୍ କ୍ରିକେଟ

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ପାହାଡ଼ପଦର ପଞ୍ଚାୟତ ବୋରପଦର ଖେଳପଡିଆଠାରେ ବିଷମୁଣ୍ଡ ବୁଢାରାଜା ଯୁବକ ସଂଘ ଆନୁକୂଲ୍ୟରେ ବିଷମୁଣ୍ଡ ବୁଢାରାଜା ନକଆଉଟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ବିଜେପୁର ଓ ଟାଙ୍ଗନକଣା ଦଳ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଟାଙ୍ଗନକଣା ଚାମ୍ପିୟନ ହୋଇଛି। ଟାଙ୍ଗନକଣା ପ୍ରଥମେ ଟସ ଜିତି ଫିଲଡିଂ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ବିଜେପୁର ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୮ ଉଇକେଟ ହରାଇ ୧୦୭ ରନ କରିଥିଲା। ଜବାବରେ ଟାଙ୍ଗନକଣା ୧୧ ଓଭରରେ ୫ ଉଇକେଟ ବିନିମୟରେ ୧୦୮ ରନ କରି ବିଜୟ ହୋଇଥିଲା। ଉଦଯାପନୀରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ସମ୍ମାନିତ ଅତିଥି ଭାବେ ପାହାଡ଼ପଦର ସରପଞ୍ଚ ଲକ୍ଷଣ ମାଝି, ନାଏବ ସରପଞ୍ଚ ପ୍ରତିନିଧି ବୈଦ୍ୟନାଥ ନାଏକ, ଜିଆରଏସ ଉଗ୍ରସେନ ବାଗ, ଯୋଗାଣ ସହାୟକ ଲିଙ୍ଗରାଜ ଦୁର୍ଗା, ବୋରପଦର ସ୍କୁଲ ପ୍ରଧାନ ଶିକ୍ଷକ ସୌଦାଗର ବାଗ, ସିଆରସି ପରମେଶ୍ୱର ନାଏକ, ମହାଦେବ ବାଗ, ବିରାଟ ବିଭୋର, କୁମର ନାଏକ, ଗିରିଧାରୀ ଦୁର୍ଗା ପ୍ରମୁଖ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚ ପ୍ରମୋଦ ବାଗ ଓ ପ୍ରଶାନ୍ତ ନାଏକ ଖେଳ ପରିଚାଳନା କରିଥିଲେ। ବାଲିସେନ ନାଏକ ଧାରାବିବାରଣୀ ଦେଇଥିବା ବେଳେ ସ୍କୋର ବୋର୍ଡରେ ପ୍ରମୋଦ ବାଗ ଓ ପ୍ରଶାନ୍ତ ନାଏକ ସହଯୋଗ କରିଥିଲେ। ଯଶବନ୍ତ ବିଭୋର ଓ ପିଣ୍ଟୁ ସାହୁ ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ। ଗତ ମାସ ୨୮ ତାରିଖରୁ ଆରମ୍ଭ ହୋଇଥିବା ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଆୟୋଜନ କମିଟି ପକ୍ଷରୁ ତ୍ରିନାଥ ମାଝି, ତପନ ସାହୁ, ଜଗନ୍ନାଥ ମାଝି, ବୁଲୁ ମାଝୀ, ବିଭୁ ସାହୁ, ଜଗମୋହନ ସାହୁଙ୍କ ସମେତ କମିଟି ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ହାତୀ ଆକ୍ରମଣରେ ବୃଦ୍ଧ ଗୁରୁତର

କନ୍ଧମାଳ,(ଡି.ଏନ.ଏ.)– ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ଲମ୍ବସରି ପଞ୍ଚାୟତ ଅନ୍ତର୍ଗତ ଖଇରମାଲ ଗାଁରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ହୋଇଥିବା ଜଣାପଡିଛି । ପ୍ରକାଶ ଯେ, ଖଇରମାଲ ଗ୍ରାମର ସମାର ସାହୁ (୬୫) କୌଣସି କାମରେ ଜଙ୍ଗଲ ଆଡକୁ ଯାଉଥିଲେ । ସେହି ସମୟରେ ପାଖ ଜଙ୍ଗଲରୁ ପାଣି ପିଇବାକୁ ଆସିଥିବା ଏକ ହାତୀ ତାଙ୍କୁ ଆକ୍ରମଣ କରିଥିଲା । ଖବର ପାଇ ପରିବାର ଲୋକେ ଓ ଗ୍ରାମବାସୀ ଆସି ହାତୀକୁ ଘଉଡାଇ ଥିଲେ । ସମାରଙ୍କୁ ଉଦ୍ଧାର କରାଯାଇ ସୋନପୁର ମେଡିକାଲରେ ଭର୍ତ୍ତି କରାଯାଇଛି ।

### ସଂକ୍ଷେପରେ

## ବଜ୍ରପାତରେ ନାବାଳିକାଙ୍କ ମୃତ୍ୟୁ

କୋକସରା,୯।୪(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ସାନପୋଡ଼ା ଗ୍ରାମରେ ଶନିବାର ସନ୍ଧ୍ୟାରେ ଗ୍ରାମର ତରୁଣ ବାଗଙ୍କ ନାବାଳିକା ଝିଅ ମଧୁସ୍ମିତା ବାଗ(୧୩)ଙ୍କ ବଜ୍ରପାତରେ ମୃତ୍ୟୁ ଘଟିଥିବା ଜଣାପଡିଛି। ନାବାଳିକା


ମୃତା ନାବାଳିକାଙ୍କ ଫାଇଲ ଫଟୋ।

ସନ୍ଧ୍ୟାରେ ଗାଁ ନିକଟସ୍ଥ ପୋଖରୀକୁ ସାଙ୍ଗମାନଙ୍କ ସହ ଯାଇଥିବା ବେଳେ ଘଡଘଡି ସହ ବର୍ଷା ହୋଇଥିଲା। ନାବାଳିକାଙ୍କ ଉପରେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ପୋଲିସ ରାତିରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋକସରା ଡାକ୍ତରଖାନାକୁ ପଠାଇଥିଲେ। ଏ ନେଇ ଆମପାଣି ଥାନାରେ ଏକ ମାମଲା (ନଂ.୨/୨୩) ରୁଜୁ କରି ଘଟଣାର ତଦନ୍ତ ଜାରିରଖିଥିବା ପୋଲିସ ସୂଚନା ଦେଇଛି। ଅନ୍ୟପକ୍ଷରେ ନାବାଳିକା ଚଳିତ ବର୍ଷ ଅଷ୍ଟମ ଶ୍ରେଣୀ ପାସ କରିଥିବା ଜଣାପଡିଛି। ନାବାଳିକାଙ୍କ ବାପା ତରୁଣଙ୍କ ପରିବାରରେ ୬ଝିଅଙ୍କ ମଧ୍ୟରୁ ମୃତା ନାବାଳିକା ଚତୁର୍ଥ କନ୍ୟା ହୋଇଥିବା ବେଳେ ଗତ ଫେବୃୟାରୀରେ ୨ୟ କନ୍ୟାଙ୍କ ବିବାହ ପରେ କରଜ ସୁଝିବାକୁ ଗତ ସପ୍ତାହରେ ଦାଦନ ଖଟିବାକୁ ଯାଇଛନ୍ତି। ଘରେ କେବଳ ମା' ଓ ଭଉଣୀ ଓ ସାନ ଭାଇ ରହିଛନ୍ତି। ଝିଅର ମୃତ୍ୟୁ ଖବର ପାଇ ବାପା ଘରକୁ ଫେରୁଥିବା ବେଳେ ଗାଁରେ ଶୋକାକୁଳ ପରିବେଶ ଦେଖାଦେଇଛି।

## ଆସୀନ ଦାସ ପ୍ରବେଶିକା ପରୀକ୍ଷାରେ ଟପ୍ପର

ଖଡ଼ିଆଳ,୯।୪(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ବାଦୀ ଶିକ୍ଷାନୁଷ୍ଠାନର ଷଷ୍ଠ ଶ୍ରେଣୀର ପ୍ରବେଶିକା ପରୀକ୍ଷାରେ ଖଡ଼ିଆଳ ମିଶନ ୱାର୍ଡ ନମ୍ବର ଏକର ସୁଶ୍ରୀ ଆହାନା ଅସିନ ଦାସ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବାପା ଜଗଦିପ କୁମାର ଦାସ ଓ ମା' ସମୀକ୍ଷାମୟୀ କଲେଟ



ଦୁହେଁ ଶିକ୍ଷକତା କରୁଛନ୍ତି ଏବଂ ସେ ତାଙ୍କ ପିତାମାତାଙ୍କ ଜ୍ୟେଷ୍ଠା କନ୍ୟା ଅଟନ୍ତି। ସୁଶ୍ରୀ ଦାସ ଖଡ଼ିଆଳସ୍ଥିତ ଇମ୍ପେରିଆଲ ପ୍ରେସିଡେନସି ସ୍କୁଲରେ ଶିକ୍ଷଲାଭ କରୁଛନ୍ତି। ପିଲାଦିନରୁ ସିଭିଲ ସର୍ଭିସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପ୍ରଶାସନିକ ଅଧିକାରୀ ହେବା ପାଇଁ ଲକ୍ଷ୍ୟ ରଖିଛନ୍ତି। ସୁଶ୍ରୀ ଦାସ ନିଜର ସଫଳତା ନିମନ୍ତେ ପ୍ରଥମେ ପ୍ରଭୁଙ୍କୁ ଧନ୍ୟବାଦ ଦେବା ସହ ପିତାମାତାଙ୍କ ଆଶୀର୍ବାଦ ଓ ଇମ୍ପେରିଆଲ ପ୍ରେସିଡେନସି ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଅଧକ୍ଷ ଡା. ଅସିତ କୁମାର ସୁପକାରଙ୍କ ସୁନିୟନ୍ତ୍ରିତ ବିଦ୍ୟାଳୟ ପରିଚାଳନା ନିମନ୍ତେ ଧନ୍ୟବାଦ ଜଣାଇଛନ୍ତି। ଉକ୍ତ ବିଦ୍ୟାଳୟ ପ୍ରତି ଗୌରବମୟ ଅଧ୍ୟାୟ ସୃଷ୍ଟି ହୋଇଛି। ଏହେତୁ ସମସ୍ତ ବନ୍ଧୁବର୍ଗ ଓ ଖଡ଼ିଆଳବାସୀଙ୍କ ତରଫରୁ ସୁଶ୍ରୀ ଆହାନା ଅସିନ ଦାସଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି।

## ଫ୍ଲଡ୍ ଲାଇଟ କ୍ରିକେଟ: ଝାଲକୁସୁମ ବିଜୟୀ

ଖଡ଼ିଆଳ,୯।୪(ଡି.ଏନ.ଏ.): ନୂଆପଡା ଜିଲା ଖଡିଆଳ ବ୍ଲକ ଚନାବେଡା ରାଧାକୃଷ୍ଣ ଖେଳପଡିଆଠାରେ ଦିତୀୟ ଫ୍ଲଡ଼ ଲାଇଟ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ପ୍ରଥମ ଦିନର ଖେଳରେ ଝାଲକୁସୁମ ଦଳ ରୋହେନପଦର ଦଳକୁ ୧୦ ରନରେ ହରାଇ ବିଜୟୀ ହୋଇଛି। ମୁଖ୍ୟଅତିଥି ଭାବେ ଜିଲା ବିଜେଡି ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ, ଜିଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ବେହେରା, କୁନୁ କରୁଆଁ, ବିଜେଡି ଜିଲା ଉପସଭାପତି ମନୋଜ ଦୀପ, ନିମାଇଁ ଚରଣ ବେହେରା ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଟୁର୍ନାମେଣ୍ଟରେ ଜିଲାର ମୋଟ ୧୬ ଗୋଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଆସନ୍ତା ୧୦ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଫ୍ଲଡ଼ ଲାଇଟ କ୍ରିକେଟ ଟୁର୍ନାମେଣ୍ଟର ଆୟୋଜକ ପ୍ରଶାନ୍ତ ବେହେରା, ମଲ୍ଲିକ, ଉମାକାନ୍ତ ତାଣ୍ଡି ପ୍ରମୁଖ ସକ୍ରିୟ ଭାବେ ଅଂଶ କରି ଖେଳ ପରିଚାଳନା କରିଥିଲେ।

# ବିଦ୍ୟୁତ୍ ଘରୋଇକରଣକୁ ବିରୋଧ, ଲଢେଇ ପାଇଁ ଆହ୍ୱାନ

ବରଗଡ଼ ଅଫିସ,୯।୪

ବିଦ୍ୟୁତ୍ କ୍ଷେତ୍ରର ଘରୋଇକରଣ ବନ୍ଦ କରିବା ଏବଂ କେନ୍ଦ୍ର ସରକାର ଦ୍ୱାରା ପ୍ରସ୍ତାବିତ ବିଦ୍ୟୁତ୍ ସଂଶୋଧିତ ବିଲ୍-୨୦୨୨ ବାତିଲକୁ ନେଇ ଦେଶବ୍ୟାପୀ ଆନ୍ଦୋଳନ ପାଇଁ ପ୍ରସ୍ତୁତି ଚାଲିଥିବା ସୂଚନା ମିଳିଛି। ବିଦ୍ୟୁତ୍ ଦର ବୃଦ୍ଧି ସହ କମ୍ପାନୀଗୁଡିକ ଉପଭୋକ୍ତାଙ୍କ ଉପରେ ଦିନକୁ ଦିନ ଅତ୍ୟାଚାର ଚଳାଇଥିବା ଅଭିଯୋଗ ହୋଇଛି। ଏହି କ୍ରମରେ 'ଅଲ୍ ଇଣ୍ଡିଆ ଇଲେକ୍ଟ୍ରିସିଟି କଞ୍ଜ୍ୟୁମର ଆସୋସିଏଶନ' ନାମରେ ରାଷ୍ଟ୍ରୀୟ ସ୍ତରରେ ଏକ ସଙ୍ଗଠନ ଗଠନ କରାଯାଇଛି। ଶନିବାର ଏବଂ ରବିବାର ଭୋପାଳଠାରେ ଉକ୍ତ ସଙ୍ଗଠନର ଦୁଇ ଦିନିଆଁ କର୍ମକର୍ତ୍ତା ସମ୍ମିଳନୀ, ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜୟ କିଷାନ ଆନ୍ଦୋଳନର ସଭାପତି ସୁଶିଲ କୁମାର ସାହୁ ଓ ସମ୍ପାଦକ ହର ବଣିଆଁ ଅଂଶଗ୍ରହଣ କରିଥିଲେ। ସଙ୍ଗଠନର ରାଷ୍ଟ୍ରୀୟ ଅଧକ୍ଷ ଶୈଳେନ୍ଦ୍ର ଦୁବେ, ରାଷ୍ଟ୍ରୀୟ



ସମ୍ମିଳନୀରେ ଜୟ କିଷାନ ଆନ୍ଦୋଳନ ସଭାପତି ଉଦ୍‌ବୋଧନ ଦେଉଛନ୍ତି।

ସାଧାରଣ ସମ୍ପାଦକ ସମର କୁମାର ସିଂହଙ୍କ ସମେତ ସମସ୍ତ ପଦାଧିକାରୀ ବିଦ୍ୟୁତ୍ କ୍ଷେତ୍ରର ଘରୋଇକରଣ ବିରୋଧରେ ରଣହୁଙ୍କାର ଦେଇ ଦେଶବ୍ୟାପୀ ଆନ୍ଦୋଳନ ପାଇଁ ଆହ୍ୱାନ ଦେଇଥିଲେ। ସଭାରେ ଭୋପାଳ ସ୍ଥିତ ଗାନ୍ଧୀ ଭବନରେ ତିନୋଟି ଅଧିବେଶନରେ ଏ ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରଥମ ଅଧିବେଶନରେ ଜୟ କିଷାନ ଆନ୍ଦୋଳନର ସମ୍ପାଦକ ବଣିଆଁ ଓଡିଶା ସରକାର ବିଜୁଳି କ୍ଷେତ୍ରର ଘରୋଇକରଣ କରିବା ପରେ ଉକ୍ତ କମ୍ପାନୀର ଦୌରାତ୍ମ୍ୟ ବଢି ଚାଲିଥିବା ବିଷୟରେ ଆଲୋଚନା କରିଥିଲେ। ଜୟ କିଷାନ ଆନ୍ଦୋଳନ ସଭାପତି ସାହୁ ଜଳସେଚନ ସହ ବିଦ୍ୟୁତ୍‌ର ସମ୍ପର୍କ ରହିଥିବା ବେଳେ କୃଷିକ୍ଷେତ୍ରରେ ବ୍ୟବହୃତ ବିଦ୍ୟୁତ୍ ବିଲ୍ ଛାଡ କରିବାକୁ ଦାବି ଉପସ୍ଥାପନ କରିଥିଲେ। ଏହି ସମ୍ମିଳନୀରେ ଏକ ରାଷ୍ଟ୍ରୀୟ କମିଟି ଗଠନ କରାଯାଇଛି। କମିଟିରେ ଜୟ କିଷାନ ଆନ୍ଦୋଳନର ହର ବଣିଆଁ ଏବଂ ସୁଶୀଲ କୁମାର ସାହୁ ରହିଛନ୍ତି। ଏହି ସମ୍ମିଳନୀରେ ଓଡିଶାର ବିଭିନ୍ନ ଜିଲାରୁ ୧୭ ଜଣ ପ୍ରତିନିଧି ଯୋଗ ଦେଇଥିଲେ।

# ଛାତ୍ରୀଛାତ୍ର ଭଲ ମଣିଷ ହେବାକୁ ପରାମର୍ଶ



ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ବରପାଲି,୯।୪(ଡି.ଏନ.ଏ.)

### ଯାତ୍ରାଟିକ୍ରା ଉଚ୍ଚବିଦ୍ୟାଳୟ ରୌପ୍ୟ ଜୟନ୍ତୀ ସମାରୋହ

ବରଗଡ ଜିଲା ବରପାଲି ବ୍ଲକ ଖେମେସରା ଯାତ୍ରାଟିକ୍ରା ଉଚ୍ଚବିଦ୍ୟାଳୟ ରୌପ୍ୟ ଜୟନ୍ତୀ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ସକାଳ ୯ଟାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବରଗଡ ଜିଲା ପରିଷଦ ଅଧକ୍ଷା ମାନିନୀ ଭୋଇ ଉଦ୍‌ଘାଟନ କରିଥିଲେ। ରୌପ୍ୟ ଜୟନ୍ତୀର ଉଦ୍‌ଯାପନୀ ସନ୍ଧ୍ୟାରେ ଭଟଲି ବିଧାୟକ ସୁଶାନ୍ତ ସିଂ ମୁଖ୍ୟ ଅତିଥି, ଆଗଲପୁର ପ୍ୟାକ୍ସ ସଭାପତି ବିରୋସନ ସାହୁ, ପର୍ଶୁରାମ ମୁଣ୍ଡା, ପ୍ରଧାନ ଶିକ୍ଷକ ଉଜ୍ଜ୍ୱଳ ପଧାନ ସମ୍ମାନିତ ଅତିଥି ଏବଂ ପ୍ରଫେସର ଡ଼ ସୁଜିତ କୁମାର ପୁଷେଠ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ କ୍ଷମାନିଧି ଅଦାବର ସଭାପତିତ୍ୱ କରିଥିବା ବେଳେ ଅବଧୂତ ବିଶି ସଭା ପରିଚାଳନା କରିଥିଲେ। ପ୍ରଥମେ ମାଁ ସରସ୍ୱତୀଙ୍କ ଠାରେ ପୂଜାର୍ଚ୍ଚନା କରିବା ପରେ ବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଆଜିର ସମାଜରେ ଛାତ୍ର ହେଉ କି ଜଣେ ଛାତ୍ରୀ ଭଲ ମଣିଷଟିଏ ହେବା ସହ ଖେଳକୁଦରେ ନିଜ ପରିଚୟ ସୃଷ୍ଟି କରିବା ଦରକାର ବୋଲି ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରିଥିଲେ। ଶେଷରେ ଝଙ୍କାରସେନ ଧାରୁଆ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟୁତ୍ ଆଘାତରେ ଶ୍ରମିକଙ୍କ ମୃତ୍ୟୁ

ବୌଦ୍ଧ,୯।୪(ସ୍ୱ.ପ୍ର.)

ରବିବାର ସନ୍ଧ୍ୟାରେ ବୌଦ୍ଧ ସହରର ମାରୁତି ଶୋ ରୁମ ନିକଟସ୍ଥ ଏକ ଘରେ କାମ କରୁଥିବା ବେଳେ ବିଦ୍ୟୁତ୍ ଆଘାତରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ମୃତ ଶ୍ରମିକ ହେଲେ ପଶ୍ଚିମବଙ୍ଗ ରାଜ୍ୟ ମେଦିନାପୁରର ସେକ ଶରିମଉଲ୍ଲା ଇସଲାମ (୨୮) । ପ୍ରକାଶ ଯେ, ପଶ୍ଚିମବଙ୍ଗରୁ ବହୁ ଶ୍ରମିକ ଆସି ବୌଦ୍ଧରେ ରହି ଘର କାର୍ଯ୍ୟ କରି ଆସୁଛନ୍ତି । ସେକ ଶରିମଉଲ୍ଲା ଜଣେ ବ୍ୟକ୍ତିଙ୍କ ଘରର ଛାତ କାର୍ଯ୍ୟ କରୁଥିବା ବେଳେ ୧୧ କେଜି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପଡି ଯାଇଥିଲେ । ସଙ୍ଗେ ସଙ୍ଗେ ତାଙ୍କୁ ବୌଦ୍ଧ ମେଡିକାଲ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ବୌଦ୍ଧ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

# ସହର ଧୂଆଁମୟ : ପଲିଥିନ, ଅଳିଆ ପୋଡାଯାଉଛି

ସୋନପୁର,୯।୪(ନି.ପ୍ର.)

- ସୁବର୍ଣ୍ଣପୁର ସହରରେ ସୁଧୁରୁନି ପରିମଳ ବ୍ୟବସ୍ଥା
- ପୋତି ହେଲାଣି ଡ୍ରେନ୍, ବଢୁଛି ମଶାଙ୍କ ପ୍ରାଦୁର୍ଭାବ

ସୁବର୍ଣ୍ଣପୁର ସହରକୁ ସକାଳେ ଧୂଆଁମୟ କରାଯାଉଛି। ପଲିଥିନ ପୋଡା ବାସ୍ନା ଓ ଧୂଆଁ ଯୋଗୁଁ ପ୍ରାତଃଭ୍ରମଣରେ ଯାଉଥିବା ଲୋକେ ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଛନ୍ତି। ସଫେଇ କର୍ମଚାରୀମାନେ ପଲିଥିନ ଓ ଅଳିଆରେ ନିଆଁ ଲଗାଇ ଦେଉଥିବାରୁ ସହରରେ ଏଭଳି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏହା ନିତିଦିନିଆ ଘଟଣା ହୋଇଥିଲେ ମଧ ଏଥିପ୍ରତି ପୌର କର୍ତ୍ତୃପକ୍ଷ କିମ୍ବା ଜିଲା ପ୍ରଶାସନର ଦୃଷ୍ଟି ନାହିଁ।

ସହରରୁ ସଂଗୃହୀତ ଅଳିଆକୁ ସହର ଉପକଣ୍ଠ କୋହ୍ଲପଡା ନିକଟରେ ଥିବା ସ୍ୱତନ୍ତ୍ର ଆବଦ୍ଧ ଅଞ୍ଚଳରେ ପକାଯିବା ପାଇଁ ଯୋଜନା ହୋଇଛି। ଅଳିଆଗୁଡିକୁ ପ୍ରକ୍ରିୟାକରଣ ପରେ ଖତ ପ୍ରସ୍ତୁତ ହୋଇଥାଏ। ସେହିଭଳି ସଂଗୃହିତ ପ୍ଲାଷ୍ଟିକ୍‌ଗୁଡିକୁ ପ୍ରେସ କରି ବରଗଡ ସ୍ଥିତ ସିମେଣ୍ଟ ପ୍ଲାଣ୍ଟକୁ ପଠାଯିବା ନିୟମ ରହିଛି। ମାତ୍ର ସରକାରୀ ନିୟମକୁ ଠିକ୍ ଭାବେ ଅନୁପାଳନ କରାଯାଉନି। ସହରରୁ ସଂଗୃହୀତ ସବୁତକ ପ୍ଲାଷ୍ଟିକ୍ ଓ ଅଳିଆକୁ ଟ୍ରାକ୍ଟରରେ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରକୁ ନିଆଯାଉନି। ବସ୍‌ଷ୍ଟାଣ୍ଡ, ମ୍ୟୁନିସିପାଲିଟି ଅଫିସ ସମ୍ମୁଖ, ବିଜୁ ପଟ୍ଟନାୟକ ଛକ, ବଡବଜାର, ନଳିନୀ ଛକ, ବ୍ଲକ ଛକ, ମଝିପଡା ଓ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ପଲିଥିନ ଓ ଅଳିଆଗୁଡିକୁ ସକାଳେ ଠୁଳ କରି ନିଆଁ ଲଗାଇ ଦିଆଯାଉଛି । ବାକି ଅଳିଆକୁ ଝାଡୁ ମାରି ରାସ୍ତା ପାର୍ଶ୍ୱ ଡ୍ରେନ୍‌ରେ ପକାଯାଉଥିବା ଲକ୍ଷ୍ୟ କରାଯାଉଛି। ବର୍ଜ୍ୟବସ୍ତୁ ପରିବହନ ଜନିତ ଖର୍ଚ୍ଚ କମ୍ କରିବା ପାଇଁ ଠିକା ସଂସ୍ଥା ପକ୍ଷରୁ ଏଭଳି କରାଯାଉଥିବା ଅଭିଯୋଗ ହେଉଛି।

ସ୍ୱଚ୍ଛ ଭାରତ ମିଶନ ନାଁରେ ବାର୍ଷିକ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି। ସହରର ସମସ୍ତ ୧୫ଗୋଟି ୱାର୍ଡରେ ପରିମଳ ବ୍ୟବସ୍ଥାକୁ ଘରୋଇକରଣ କରାଯାଇଛି। ବେସରକାରୀ ଠିକାସଂସ୍ଥା ଏହାର ଦାୟିତ୍ୱ ନେଇଛି। ମାତ୍ର ଏହାର ସୁଫଳ ସହରବାସୀ ପାଉନାହାନ୍ତି। ମନ୍ଦିର ମାଳିନୀ ତଥା ଦ୍ୱିତୀୟ ବାରଣାସୀ ଭାବେ ପରିଚିତ ଏହି ସହର ଅପରିଷ୍କାର ରହୁଛି। ବୁଦ୍ଧିଜୀବୀ ମହଲରେ ଏଥିନେଇ ଅସନ୍ତୋଷ ପ୍ରକାଶ ପାଇଛି। ସହରରେ ରହିଛି ୧୦୮ଟି ଛୋଟ ବଡ ମନ୍ଦିର। ଦୁଇପାର୍ଶ୍ୱରେ ମହାନଦୀ ଓ ତେଲନଦୀ ଘେରି ହୋଇ ରହିଛି । ଜନସଂଖ୍ୟା ଓ ଭୌଗଳିକ ଦୃଷ୍ଟି କୋଣରୁ ଛୋଟ ସହରଟି ସ୍ୱଚ୍ଛ ଓ ସୁନ୍ଦର ରହିବା କଥା । କିନ୍ତୁ ଏହା ସମ୍ଭବ ହୋଇପାରିନି । ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା ହେଉନି। ୨୦୧୭ ମସିହାରୁ ସୁବର୍ଣ୍ଣପୁର ସହରକୁ ପ୍ଲାଷ୍ଟିକ୍ ମୁକ୍ତ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ପୌର କର୍ତ୍ତୃପକ୍ଷ ଏନର୍ଜିଟିରେ ଏ ନେଇ ସତ୍ୟପାଠ ଦାଖଲ କରିଛନ୍ତି। ମାତ୍ର ଏହା କେବଳ ଘୋଷଣାରେ ସୀମିତ ରହିଛି । ନିୟମ ଖିଲାପକାରୀ ତଥା ପଲିଥିନ ବ୍ୟବହାରକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉନି । ପଲିଥିନ ବ୍ୟବହାର ପୂର୍ବାପେକ୍ଷା ବଢିଛି। ସହରର ବ୍ଲକ ଛକ, ଆମ୍ବେଡକର ଛକ, କଚେରୀ ଛକ, ବସଷ୍ଟାଣ୍ଡ ପରିସର, ଘୋଡାଘାଟପଡା, ଥନାପତିପଡା, ନୂଆପଡା ଓ ବଡବଜାରରେ ଡ୍ରେନ୍ ଗୁଡିକ ପୋତି ହୋଇଗଲାଣି । ମାସାଧିକ କାଳ ଡ୍ରେନ୍‌ରୁ ମାଟି, ଆବର୍ଜନା ଉଠାଯାଉନି। ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ଦୋକାନୀ ମାନେ ହୀନସ୍ତା ହେଉଛନ୍ତି । ଏପରିକି ଡ୍ରେନ୍ ଗୁଡିକରେ କୀଟନାଶକ କିମ୍ବା ବ୍ଲିଚିଂ ପକାଯାଉନି। ଫଗିଂ ମେଶିନ ଦ୍ୱାରା ମଶା ଧୂଆଁ ଦିଆଯାଉନି। ଅସ୍ୱାସ୍ଥ୍ୟକର ପରିବେଶ, ମଶାଙ୍କ ସଂଖ୍ୟା ବୃଦ୍ଧି ସହରବାସୀଙ୍କ ମନରେ ମ୍ୟାଲେରିଆର ଭୟ ସୃଷ୍ଟି କରିଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସହରକୁ ସବୁଜ ସୁନ୍ଦର କରିବାକୁ ଆନ୍ତରିକତାର ସହ ଉଦ୍ୟମ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି କରାଯାଇଛି ।

# ରଥ ନିର୍ମାଣ ପାଇଁ ବୌଦ୍ଧରୁ ପୁରୀ ଗଲା ଦ୍ୱିତୀୟ ପର୍ଯ୍ୟାୟ କାଠ

ବୌଦ୍ଧ,୯।୪(ସ୍ୱ.ପ୍ର.)

ବିଶ୍ୱପ୍ରସିଦ୍ଧ ପୁରୀ ଘୋଷଯାତ୍ରାର ରଥ ନିର୍ମାଣ ପାଇଁ ବୌଦ୍ଧରୁ ଦ୍ୱିତୀୟ ପର୍ଯ୍ୟାୟ କାଠ ପଠାଯାଇଛି। ଶୁକ୍ରବାର ଦିନ ବୌଦ୍ଧରୁ ପ୍ରଥମ ପର୍ଯ୍ୟାୟରେ ୨୮ ଖଣ୍ଡ କାଠ ପଠାଯାଇଥିଲା ବେଳେ ରବିବାର ଦିନ ଦ୍ୱିତୀୟ ପର୍ଯ୍ୟାୟରେ ୪୮ ଖଣ୍ଡ ଅସନ, ୬ ଖଣ୍ଡ ଫାସି କାଠକୁ ଦୁଇଟି ଟ୍ରକରେ ପୁରୀକୁ ପଠାଯାଇଛି। କନ୍ଧମାଳ ବ୍ଲକ ନାରାୟଣ ପ୍ରସାଦର ପାଡେଲ ଓ ମଲ୍ଲିକୁଦ ସଂରକ୍ଷିତ ଜଙ୍ଗଲରୁ ମେକାପ ଓ ମହାରଣାମାନଙ୍କ ଦ୍ୱାରା କାଠ ଚିହ୍ନଟ କରାଯିବା ପରେ ପୂଜାର୍ଚ୍ଚନା କରାଯାଇ ସେଗୁଡିକୁ କଟାଯାଇଥିଲା। ସ୍ଥାନୀୟ ବନପାଳ ହୃଦାନନ୍ଦ ମିଶ୍ର, ଚିତ୍ତରଞ୍ଜନ ପ୍ରଧାନ, ବନରକ୍ଷୀ ଓମପ୍ରକାଶ ଦନାୟକ,ଗୁଲି ବେହେରାଙ୍କ ସମେତ ସ୍ଥାନୀୟ ଗ୍ରାମବାସୀଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା କରାଯାଇଥିଲା । ପରେ ଜୟ ଜଗନ୍ନାଥ, ହରିବୋଲ ଓ ହୁଳହୁଳି ପକାଯାଇ ରଥକାଠକୁ ବିଦାୟ ଦିଆଯାଇଥିଲା।

# ନାମଯଜ୍ଞ ମଣ୍ଡପର ଶିଳାନ୍ୟାସ


ଶିଳାନ୍ୟାସ ସମାରୋହରେ ଅତିଥିବୃନ୍ଦ।

ବରଗଡ଼ ଅଫିସ,୯।୪

ବରଗଡ଼ ବ୍ଲକ ବରଡୋଲ ପଞ୍ଚାୟତ ଅନ୍ତର୍ଗତ ପିପିଲିପାଲି ଗ୍ରାମ ବନ୍ଧପଡାରେ ଏକ ନାମଯଜ୍ଞ ମଣ୍ଡପ ନିର୍ମାଣର ଶିଳାନ୍ୟାସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ। ସ୍ଥାନୀୟ ସମିତି ସଭ୍ୟ ରବି ସେଠଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବରଗଡ଼ ବ୍ଲକ ଉପାଧକ୍ଷ ଉମେଶ ପଣ୍ଡା, ସାମାଜିକ କର୍ମୀ ଦୁଃଖିଶ୍ୟାମ ସାହୁ, ଚନ୍ଦ୍ରକାନ୍ତ ପଟ୍ଟନାୟକ, ରାଜୁ ସୁନା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ହରିପାଲ, ହରିଶ ହରିପାଲ, ମାଇକେଲ ନନ୍ଦ, ପ୍ରଦୀପ ନନ୍ଦ, ଅଚ୍ୟୁତ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ ।

# ତରଣୀସେନ ବଧ ନାଟକ ମଞ୍ଚସ୍ଥ


ରାମଲୀଳା ନାଟକର ଏକ ଦୃଶ୍ୟ ।

ବୌଦ୍ଧ,୯।୪(ସ୍ୱ.ପ୍ର.)

### ବୌଦ୍ଧ ରାମଲୀଳା ଯାତ୍ରା

ବୌଦ୍ଧ ଗଡଜାତରେ ଗଣପର୍ବ ପ୍ରସିଦ୍ଧ ରାମଲୀଳା ଯାତ୍ରାର ରବିବାର ଏକାଦଶ ଦିବସରେ ମଞ୍ଚସ୍ଥ ହୋଇଛି ନାଟକ ତରଣୀସେନ ବଧ । କୁମ୍ଭକର୍ଣ୍ଣ ଭଳି ଭାଇକୁ ହରାଇ ଲଙ୍କପତି ରାବଣ ଦୁଃଖରେ ଭାଙ୍ଗି ପଡିବା ସହିତ ଲଙ୍କାଗଡରେ ଉଠିଥିଲା କ୍ରନ୍ଦନର ଲହରି। ରାବଣର ଦୁଃଖ ଦେଖି ସାନଭାଇ ବିଭୀଷଣର ଏକମାତ୍ର ପୁତ୍ର ବିଷ୍ଣୁ ଭକ୍ତ ତରଣୀସେନ ଶ୍ରୀରାମ ଲକ୍ଷ୍ମଣଙ୍କ ସହ ଯୁଦ୍ଧ କରିବାକୁ ଯୁଦ୍ଧ ଭୂମିକୁ ଯିବାକୁ ପ୍ରସ୍ତୁତ ହୋଇଛି। ରାକ୍ଷସ ସେନା ପକ୍ଷରୁ ଯୁଦ୍ଧ କରୁଥିଲେ ମଧ ତରଣୀସେନ ମନରେ ଅଭିଳାଷ ରହିଛି ଆରାଧ ଦେବତା ବିଷ୍ଣୁଙ୍କ ଅବତାର ପ୍ରଭୁ ଶ୍ରୀରାମଙ୍କୁ ଦର୍ଶନ କରିବ। ପିତା ବିଭୀଷଣ ଓ ପୁତ୍ର ତରଣୀସେନ ମଧ୍ୟରେ ଘମାଘୋଟ ଯୁଦ୍ଧରେ ପରାଜିତ ହୁଅନ୍ତି ବିଭୀଷଣ। ଶେଷରେ ପ୍ରଭୁ ଶ୍ରୀରାମଙ୍କୁ ମଧ ପରାଜିତ କରି ତରଣୀସେନ ମାଗନ୍ତି ମୁକ୍ତି। ହେଲେ ଭକ୍ତର ଭଗବାନ ତରଣୀସେନକୁ ବଧ କରି ମୁକ୍ତି ଦେବାକୁ ନାସ୍ତି ବାଣି ଶୁଣାନ୍ତି। ବହୁ ଅନୁରୋଧ ପରେ ଶ୍ରୀରାମ ତରଣୀସେନକୁ ବଧ କରି ବୈକୁଣ୍ଠରେ ସ୍ଥାନ ଦିଅନ୍ତି। କଳେ ବଳେ କୌଶଳେ ହେଉ କି ଚକ୍ରାନ୍ତ ଭାତୃଦ୍ରୋହୀ ବିଭୀଷଣର ପୁତ୍ର ତରଣୀକୁ ବଧ କରାଇ ମନକୁ କିଛି ଆତ୍ମସନ୍ତୋଷ ଦେଇ ଖୁସି ହୋଇଛି ରାବଣ। ଭୁଲିବାକୁ ଚେଷ୍ଟା କରିଛି କୁମ୍ଭକର୍ଣ୍ଣର ମୃତ୍ୟୁ। ତରଣୀସେନ ବଧ ନାଟକକୁ ନିଖୁଣ ଭାବେ ଅନୁଷ୍ଠାନର କଳାକାରମାନେ ପ୍ରଦର୍ଶିତ କରିଥିଲେ। ନାଟକକୁ ହୃଦାନନ୍ଦ ମେହେର ରଚନା କରିଥିବା ବେଳେ ଭବାନୀଶଙ୍କର ମହାପାତ୍ର ନିର୍ଦ୍ଦେଶନା ଦେଇଥିଲେ । ତୁଷାରକାନ୍ତ ପଟ୍ଟନାୟକ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ନାଟକରେ ଶ୍ରୀରାମ ଭୂମିକାରେ ଶିରିଶ ବେହେରା, ସୀତା ବିଶ୍ୱାମିତ୍ର ସାହୁ, ଲକ୍ଷ୍ମଣ ଦନାର୍ଦ୍ଦନ ମିଶ୍ର, ହନୁମାନ ଶାନ୍ତନୁ ବେହେରା, ବିଭୀଷଣ ପ୍ରମୋଦ ପ୍ରଧାନ, ତରଣୀସେନ ରଞ୍ଜନ ବାରିକ ଓ ରାବଣ ଭୂମିକାରେ ସୁଦାମ ବେରିହା ଉଚ୍ଚକୋଟୀର ଅଭିନୟ କରିଥଲେ । ତରଣୀସେନ ବଧ ଦେଖିବାକୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ହଜାର ହଜାର ଦର୍ଶକଙ୍କ ଭିଡ ଲାଗି ରହିଥିଲା ।

# ଚମ୍ପାମାଳ ରାମଲୀଳା: ମଞ୍ଚସ୍ଥ ହେଲା ସୀତାଚୋରି ନାଟକ


ଚମ୍ପାମାଳ ରାମଲୀଳାର ଏକ ଦୃଶ୍ୟ।

ଅମରପାଲି,୯।୪(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଚମ୍ପାମାଳ ଗ୍ରାମର ପ୍ରସିଦ୍ଧ ଶ୍ରୀରାମଲୀଳା ନାଟକ ବିଭିନ୍ନ ରଜନୀରେ ବିଭିନ୍ନ ବିଷୟ ପରିବେଷଣ ହୋଇଯାଉଛି। ସ୍ଥାନୀୟ ନାଟ୍ୟସଂସଦ ଆନୁକୂଲ୍ୟରେ ରବିବାର ସୀତାଚୋରୀ ଲୀଳା ନାଟକ ମଞ୍ଚସ୍ଥ ହୋଇଛି। ଶତାଧିକ ବର୍ଷ ଧରି ଚାଲିଥିବା ଏହି ରାମଲୀଳା ନାଟକରେ ରାମ ଭୂମିକାରେ ରବିଚନ୍ଦ୍ର ପୁରୋହିତ, ଲକ୍ଷ୍ମଣ ବିଦ୍ୟାଧର ଥାନାପତି, ସୀତା ଜ୍ୟୋତି ପ୍ରକାଶ ଥନାପତି, ରାବଣ ଭୂମିକାରେ ସତ୍ୟମ ପ୍ରିତମ ହୋତାଙ୍କ ଅଭିନୟ ଦର୍ଶକଙ୍କୁ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ବାନ୍ଧି ରଖୁଛି।

# ଭିନ୍ନକ୍ଷମ ଭଉଣୀଭାଇଙ୍କୁ ବଢ଼ିଲା ସହାୟତାର ହାତ

ଅମରପାଲି,୯।୪(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଉଫୁଲା ଗ୍ରାମରେ ସରକାରୀ ଯୋଜନାରୁ ବାଦ ପଡି ଦୁର୍ବିସହ ଜୀବନ ଜିଉଁଥିବା ଭିନ୍ନକ୍ଷମ ଭଉଣୀ ଭାଇଙ୍କୁ ସହାୟତାର ହାତ ବଢାଇଛନ୍ତି ସ୍ଥାନୀୟ ସରପଞ୍ଚ। ଗତ ମାର୍ଚ୍ଚ ୧୯ତାରିଖରେ ଧରିତ୍ରୀରେ 'ଯୋଜନାରୁ ବଞ୍ଚିତ ଭିନ୍ନକ୍ଷମ ଭଉଣୀ ଭାଇ' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଉକ୍ତ ଖବର ପ୍ରକାଶ ପରେ ରବିବାର ସରପଞ୍ଚ ଶ୍ରୀୟା କର୍ମୀ ୱାର୍ଡସଭ୍ୟ ଅକ୍ଷୟ କୁରକୁରିଆ, ଶିବାନୀ ସାହୁ, ଗୌରହରୀ ସାହୁ ପ୍ରମୁଖଙ୍କ ସହ ଉକ୍ତ ଭିନ୍ନକ୍ଷମ ଭଉଣୀଭାଇଙ୍କ ଘରେ ପହଞ୍ଚିଲେ। ସମସ୍ୟା ବୁଝିବା ସହ ତାଙ୍କୁ ରାଶନ ସାମଗ୍ରୀ ଏବଂ କିଛଇ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

ବୀରମହାରାଜପୁର ଉପଖଣ୍ଡ ଉଫୁଲା ପଞ୍ଚାୟତର ସଦର ଗ୍ରାମର ଭିନ୍ନକ୍ଷମ ବିଦେଶି ସାହୁ(୪୦) ଓ ତାଙ୍କ ଭିନ୍ନକ୍ଷମ ଭଉଣୀ ପ୍ରମୋଦିନୀ ସାହୁ(୩୫) ଦୀର୍ଘଦିନ ହେଲା ଦୟନିୟ ଜୀବନ ଜିଉଁଛନ୍ତି। ବିଦେଶୀ ଶାରିରୀକ ଭାବେ ଦୁର୍ବଳ ଥିବା ବେଳେ ପ୍ରମୋଦିନୀ ମାନସିକ ଅନଗ୍ରସର। ପିଲାଦିନୁ ଉଭୟେ ବାପାଙ୍କୁ ହରାଇଥିବା ବେଳେ ବିଧବା ମା, ଭଉଣୀ, ରାଶନ ସହିତ ପର ଘରେ


ଭିନ୍ନକ୍ଷମ ଭଉଣୀଭାଇଙ୍କୁ ସରପଞ୍ଚ ସହାୟତା ପ୍ରଦାନ କରୁଛନ୍ତି।

ଧରିତ୍ରୀ ପ୍ରଭାବ

କାମ କରି ଉଭୟଙ୍କୁ ପାଳୁଥିଲେ। ମାତ୍ର କରୋନାରେ ଆକ୍ରାନ୍ତ ହୋଇ ତାଙ୍କର ମୃତ୍ୟୁ ଘଟିଥିଲା। ଫଳରେ ସେମାନେ ପାଉଥିବା ସମସ୍ତ ସରକାରୀ ଯୋଜନା ବନ୍ଦ ହୋଇଗଲା। ସରକାର କରୋନାରେ ମୃତକଙ୍କ ପରିବାରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରୁଥିଲେ ମଧ ତାଙ୍କ ପରିବରକୁ କୌଣସି ସହୟତା ମିଳିନାହିଁ। ଉଭୟ ଭଉଣୀଭାଇଙ୍କ ଆଧାର କାର୍ଡ କି ଭିନ୍ନକ୍ଷମ କାର୍ଡ ନାହିଁ। ଫଳରେ ସେମାନେ କୌଣସି ସରକାରୀ ସହାୟତା ପାଇ ପାରୁ ନାହାନ୍ତି। ଉଭୟେ ଏକ ଭଙ୍ଗାଘରେ ରହୁଛନ୍ତି। ବିଦେଶୀ ଏକ ହୋଟେଲରେ ବାସନ ଧୋଇ ଯାହା ପାଆନ୍ତି ସେଥିରେ ଉଭୟେ ଚଳୁଛନ୍ତି। ସ୍ଥାନୀୟ ସରପଞ୍ଚ ପରବର୍ତ୍ତୀ ସମୟରେ ଅନ୍ୟାନ୍ୟ ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ସଂକ୍ଷେପରେ

### ୩ ଦିନ ଧରି ନିଖୋଜ: ଥାନାରେ ମାମଲା

**ଜମନକିରା,୯।୪(ଡି.ଏନ.ଏ.):** ଜମନକିରା ଥାନା ଗୋଡ଼ପାଲି ଫାଣ୍ଡି ଅନ୍ତର୍ଗତ ବଡରମା ଛକ ନିକଟରେ ଘର କରି ରହିଥିବା ସୁଦର୍ଶନ ବେହେରା (୫୮) ଗତ ୬ ତାରିଖ ସନ୍ଧ୍ୟାରୁ ନିଖୋଜ ଥିବା ନେଇ ପରିବାର ଲୋକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ସୁଦର୍ଶନ ବଢ଼େଇ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ୬ ତାରିଖ ଅପରାହ୍ଣରେ ସେ ମାଛ ମାରିବାକୁ ଯାଇ ସନ୍ଧ୍ୟାରେ ଘରକୁ ମାଛ ଆଣିଥିଲେ। ସ୍ତ୍ରୀ ଅନ୍ୟତ୍ର ଯାଇଥିବା ଯୋଗୁ ପାଖରେ ରହୁଥିବା ନିଜ ବୋହୁକୁ ମାଛ ରାନ୍ଧିବା ପାଇଁ କହିଥିଲେ। ତେବେ ଏହି ସମୟରେ ବିଦ୍ୟୁତ୍ ନ ଥିବା ଯୋଗୁ ଟର୍ଚ୍ଚ ଆଣିବାକୁ ଯାଉଛି କହି ସେ ଆଉ ଫେରି ନ ଥିଲେ। ପରେ ପରିବାର ଲୋକ ବହୁତ ଖୋଜାଖୋଜି କରିବା ପରେ ତାଙ୍କ ସନ୍ଧାନ ନ ମିଳିବାରୁ ଶନିବାର ଥାନାରେ ଜଣାଇଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଥାନାରେ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ଦୁର୍ଘଟଣାରେ ଜଣେ ମୃତ

**ରେଢ଼ାଖୋଲ,୯।୪(ଡି.ଏନ.ଏ.):** ରବିବାର ଭୋର ସମୟରେ ରେଢ଼ାଖୋଲ ବୌଦ୍ଧ ରାସ୍ତାର କଦଳୀଗଡ଼ଠାରେ ଏକ ଟାଟା ଏସି ଅଟୋ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଦଳୀଗଡ ଗ୍ରାମର ହାଡୁ ନାଏକ (୪୨)। ସୂଚନା ଅନୁଯାୟୀ, ଭୋରରୁ ହାଡୁ ମହୁଲ ସଂଗ୍ରହ ପାଇଁ ଯାଉଥିବା ବେଳେ ବୌଦ୍ଧ ପଟରୁ ଦ୍ରୁତ ଗତିରେ ଆସୁଥିବା ଟାଟା ଏସି ଅଟୋ (ନଂ ଓଡି୨୩ ଏଫ୍ଂ ୭୮୯୧) ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ଡାକ୍ତରଖାନାକୁ ପଠାଇଥିଲା। ଦୁର୍ଘଟଣା ଘଟାଇଥିବା ଗାଡ଼ି ଚାଳକଙ୍କୁ ପୋଲିସ ଥାନାରେ ଅଟକ ରଖିଛି। ଅଟୋ ଧକ୍କା ଦେବା ପରେ ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିଥିବା ଜଣାପଡିଛି। ଏ ନେଇ ରେଢାଖୋଲ ଥାନାରେ ଦୁର୍ଘଟଣାଜନିତ ମୃତ୍ୟୁ ମାମଲା ରୁଜୁ ହୋଇଛି।

### ଖଲିଆପାଲିରେ ଅଷ୍ଟପ୍ରହରୀ ନାମ ଯଜ୍ଞ

**ପଡିଆବାହାଲ,୯।୪(ଡି.ଏନ.ଏ.):** ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ବାହାମ ଗ୍ରାମ ପଞ୍ଚାୟତ ଖଲିଆପାଲିଠାରେ ଚାଲିଥିବା ଅଷ୍ଟପ୍ରହରୀ ନାମ ଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ପଣ୍ଡିତ ସୁଦୀପ୍ତ କୁମାର ନାୟକ ଓ ପଣ୍ଡିତ ବିଦ୍ୟାଭୂଷଣ ନାୟକ ପୌରହିତ୍ୟ କରିଥିଲେ। ମୃତ୍ୟୁଞ୍ଜୟ ପାଣିଗ୍ରାହୀ ଓ ଗାୟତ୍ରୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ଗତ ଶୁକ୍ରବାର ସନ୍ଧ୍ୟାରେ ଅଧିବାସ କରାଯାଇ କଳସ ଶୋଭାଯାତ୍ରା କରାଯାଇଥିଲା। ଅକ୍ଷୟ ନାୟକ, ସୁଧାଂଶୁ ମହାପାତ୍ର, ବିଶ୍ୱରଞ୍ଜନ ବ ମାଝୀ, ସନତ ମହାପାତ୍ର, ନରେଶ ବାଗ ସସ୍ତ୍ରୀକ କର୍ତ୍ତା ଭାବରେ କାର୍ଯ୍ୟ ତୁଲାଇ ଥିଲେ। ମନୀଷ ନାୟକ, ପ୍ରବିନ ସୁପକାର, ଲକ୍ଷ୍ମଣ ନାୟକ ଓ ବିଶ୍ୱରଞ୍ଜନ ଆରମ୍ଭରୁ ଶେଷ ଯାଏ ଅଖଣ୍ଡ ନାମ ଜପ କରିଥିଲେ। ନାଭିଦୈତ୍ୟ ଥପା, ଆଶାରାମ ନାୟକ ଓ ସୁଧୀର କୁମାର ଦୀପଙ୍କ ନେତୃତ୍ୱରେ ଗ୍ରାମର ସମସ୍ତ ଯୁବ ଗୋଷ୍ଠୀ ପରିଚାଳନା କରିଥିଲେ। ରୂପପାଲି, ଲିଟିମୁଣ୍ଡା, ବଡ଼ତୁରାଙ୍ଗ, ବାହାମ, ଡବଲା, କୁଲୁଣ୍ଡି, ଖଣ୍ଡୁଆଲ, ରେଙ୍ଗାଲକାନୀ ସଂକୀର୍ତ୍ତନ୍ୟ ଦଳ ଯୋଗଦେଇ ନାମ ଯଜ୍ଞକୁ ଉତ୍ସବମୁଖର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଂସଦ ପ୍ରତିନିଧି ସସ୍ମିତା ଦେହୁରୀ, ଭାଜପା ବରିଷ୍ଠ କର୍ମକର୍ତ୍ତା ଦେବେନ୍ଦ୍ର ମହାପାତ୍ରଙ୍କ ସମେତ ବହୁ ନେତୃ ସ୍ଥାନୀୟ ବ୍ୟକ୍ତି ଯୋଗ ଦେଇଥିଲେ।

### ଭେଷଜପଟେଲ ମହାବିଦ୍ୟାଳୟ ପରିଚାଳନା ସମିତି ବୈଠକ

**ହେମଗିର, ୯।୪ (ଡି.ଏନ.ଏ ):** ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ସ୍ଥିତ ଭେଷଜପଟେଲ ମହାବିଦ୍ୟାଳୟଠାରେ ପୂର୍ବତନ ଅଧ୍ୟକ୍ଷ ସୁଶୀଲ କୁମାର ଚୌଧୁରୀଙ୍କ ସଭାପତିତ୍ୱରେ ପରିଚାଳନା ସମିତିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଅଶୋକ କୁମାର ନାଏକ ଯୋଗଦେଇ ସମିତିର ସମସ୍ତ ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଚୌଧୁରୀ କମିଟିର ସମସ୍ତ ସଦସ୍ୟଙ୍କୁ ତାଙ୍କର ଦାୟିତ୍ୱ ବିଷୟରେ ବୁଝାଇବା ସହିତ ମହାବିଦ୍ୟାଳୟର ଉନ୍ନତି କିପରି ଭାବରେ କରାପାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ସମିତିର ମୂଳ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସମିତିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ଅଧ୍ୟାପିକା ମିନତି ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନେତାଙ୍କ ଟଙ୍କା, ମୁହଁ ଖୋଲିବାକୁ ଭୟ

**ପଣ୍ଡଲୋଇରେ ପୋଲିସ ଚଢ଼ାଉ, ୫ ବସ୍ତା ଟଙ୍କା ଗାଏବ ଘଟଣା**

**■ରୀତା ହତ୍ୟା ଘଟଣାରେ ସମ୍ବଲପୁର ଲିଙ୍କ୍ ଚର୍ଚ୍ଚା**

**ସମ୍ବଲପୁର,୯।୪(ବ୍ୟୁରୋ)**

ଦେବଗଡ ଜିଲାରେ ଘଟିଥିବା ଏକ ମାମଲାରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ସମ୍ବଲପୁର ଜିଲା ରେଙ୍ଗାଲି ଥାନା ପଣ୍ଡଲୋଇ ଗ୍ରାମରେ ପୋଲିସ ଟିମ୍ ଗତ ୬ ତାରିଖ ରାତିରେ ଚଢାଉ କରିଥିଲା। ଏହି ଗ୍ରାମର ଜଣେ ଯୁବକଙ୍କୁ ପୋଲିସ ଉଠାଇ ନେଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ସମ୍ପୃକ୍ତ ଯୁବକଙ୍କ ପତ୍ତା ମିଳୁନାହିଁ। ଏହାକୁ ନେଇ ପରିବାର ଲୋକେ ଚିନ୍ତାରେ ପଡିଛନ୍ତି। ହେଲେ ଏହି ଚଢାଉ ସମୟରେ ୫ ବସ୍ତା ୨ ହଜାର ଟଙ୍କିଆ ନୋଟ ଗାଏବ ହୋଇଯାଇଥିବା ନେଇ ଚର୍ଚ୍ଚା ହେଉଛି। ଘଟଣାକୁ ନେଇ ଧରିତ୍ରୀରେ ରବିବାର ଖବର ପ୍ରକାଶ ପାଇଥିଲା। ଏହାକୁ ନେଇ ପୁରା ପୋଲିସ ବିଭାଗ ଛବି ସୁଧାରିବାକୁ ପ୍ରାଣପଣେ ଉଦ୍ୟମ ଆରମ୍ଭ କରିଛି। ବସ୍ତା ବସ୍ତା ଟଙ୍କା କିଏ ନେଲା, କୁଆଡେ ଗଲା ତାହା ଏବେ ତଦନ୍ତ ସାପେକ୍ଷ ହୋଇଛି। ରେଙ୍ଗାଲି ଥାନା ପୋଲିସ ଚଢାଉକୁ ନେଇ କିଛି ଜାଣି ନ ଥିବା କହୁଥିବା ବେଳେ ଦେବଗଡ ପୋଲିସ ଚଢାଉ ହୋଇଥିବା ନେଇ ସ୍ପଷ୍ଟ କରିଛି। ଏପରିକି ସଦର ଏସ୍‌ଡିପିଓ ପ୍ରଦୀପ ସାହୁ ମଧ୍ୟ ଚଢାଉ ହୋଇଥିବା ନେଇ ସ୍ୱୀକାର କରିଛନ୍ତି। ତେବେ ରେଙ୍ଗାଲି ପୋଲିସ ଏହି ଘଟଣାରେ ବିଭ୍ରାନ୍ତିକର ମନ୍ତବ୍ୟ ଦେଉଥିବାରୁ ଟଙ୍କା ଗାଏବ ଘଟଣାରେ ପୋଲିସ କାର୍ଯ୍ୟକଳାପ ସନ୍ଦେହ ଘେରକୁ ଆସୁଛି। ପୋଲିସ ବିଭାଗ ଉଚ୍ଚ ପଦାଧିକାରୀ ସ୍ୱଚ୍ଛତା ଅନୁସାରେ ତଦନ୍ତ କଲେ ଘଟଣାର ପର୍ଦ୍ଦାଫାଶ ହୋଇ ପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଅନ୍ୟପଟେ ଚଢାଉ ସମୟରେ ଗାଏବ ହୋଇଥିବା ଟଙ୍କା ଜଣେ ବରିଷ୍ଠ ରାଜନେତା ତଥା ପ୍ରତିଷ୍ଠିତ ବ୍ୟବସାୟୀଙ୍କର ବୋଲି ଆଲୋଚନା ହେଉଛି। ଜମି ବିକ୍ରି ବାବଦରେ ମିଳିଥିବା ଟଙ୍କା ହୋଇଥାଇପାରେ ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ଅନ୍ୟପଟେ ଦେବଗଡ ଜିଲା ଟାଉନ ଥାନାରେ ଅର୍ଥ ଲଗାଣକାରୀ ସଂସ୍ଥା କର୍ମଚାରୀ ରୀତା ସାହୁଙ୍କ ହୋଇଥିବା ହତ୍ୟା ମାମଲାରେ ଏହି ଚଢାଉର ଲିଙ୍କ୍ ଥିବା ନେଇ ଚର୍ଚ୍ଚା ହେଉଛି। ରୀତା ପୂର୍ବରୁ ପଣ୍ଡଲୋଇ ଗ୍ରାମକୁ ଯିବା ଆସିବା କରୁଥିଲେ। ଏହା ସହ ଉକ୍ତ ଗ୍ରାମର ଯୁବକଙ୍କ ସହ ଟଙ୍କା ନେଣଦେଣ କାରବାର ମଧ୍ୟ କରୁଥିଲେ। ତେଣୁ ପୋଲିସ ସନ୍ଦେହ କରି ଏପ୍ରିଲ ୬ ତାରିଖ ରାତିରେ ଚଢାଉ କରିଥିଲା। ଗାଏବ ହୋଇଥିବା ଟଙ୍କା ଆୟ ବହିର୍ଭୂତ ହୋଇଥିବାରୁ ଦାବିଦାର ମଧ୍ୟ ଦାବି କରୁନାହାନ୍ତି। ଅନ୍ୟପଟେ ପୋଲିସ ଗିରଫଦାରୀ ଭୟ ରହିଛି। ଏ ସମ୍ପର୍କରେ ଏସ୍‌ଡିପିଓ ସାହୁ କହିଛନ୍ତି ଯେ, ଘଟଣାକୁ ନେଇ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏତେ ଗୁଡାଏ ଟଙ୍କା କୁଆଡୁ ଆସିଲା, କାହିଁକି ରଖିଥିଲେ ସେନେଇ ଯାଞ୍ଚ କରାଯିବ। ଏହାସହ ଚଢାଉ ସମୟରେ କେତେ ସ୍ୱଚ୍ଛତା ଅବଲମ୍ବନ କରାଯାଇଥିଲା ସେନେଇ ମଧ୍ୟ ତଦନ୍ତ ହେବ ବୋଲି କହିଥିଲେ। ସୂଚନାଯୋଗ୍ୟ, ଦେବଗଡ ଜିଲା ଟାଉନ ଥାନା ଅନ୍ତର୍ଗତ ଏକ ମାମଲାରେ ପୋଲିସ ଟିମ୍ ପଣ୍ଡଲୋଇ ଗ୍ରାମରେ ଚଢାଉ କରିଥିଲା। ଜଣେ ବ୍ୟକ୍ତିଙ୍କ ଘରୁ ପ୍ରାୟ ୫ ବସ୍ତା ୨ ହଜାର ଟଙ୍କିଆ ନୋଟ ଜବତ କରିଥିଲା। ରେଙ୍ଗାଲି ଥାନା ପୋଲିସ କିଛି ଜାଣି ନ ଥିବା କହୁଥିବା ବେଳେ ପୋଲିସ ବଡବାବୁମାନେ ମଧ୍ୟ ଘଟଣାରେ ନୀରବ ରହିଛନ୍ତି। ଚଢାଉ ସମୟରେ ଭିଡିଓ ରେକର୍ଡ କିମ୍ବା ସାକ୍ଷ୍ୟ ପ୍ରମାଣ ନ ଥିଲେ ପୋଲିସ ପାଇଁ ଅଡୁଆ ବଢିବ ବୋଲି କୁହାଯାଉଛି।

## ପ୍ରଥମ ରେଙ୍ଗାଲି ପ୍ରିମିୟର ଲିଗ୍: ରେଙ୍ଗାଲି ଟାଇଟନ୍ସ ଚାମ୍ପିୟନ

**ରେଙ୍ଗାଲି,୯।୪(ଡି.ଏନ.ଏ.)**


ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଥିବା ରେଙ୍ଗାଲି ଟାଇଟନ୍ସ।

ପ୍ରଥମ ରେଙ୍ଗାଲି ପ୍ରିମିୟର ଲିଗ୍ ଟୁର୍ନାମେଣ୍ଟରେ ରେଙ୍ଗାଲି ଟାଇଟନ୍ସ ଚାମ୍ପିୟନ ହୋଇଛି। ରେଙ୍ଗାଲି ଆଥଲେଟିକ ଆସୋସିଏଶନ ପକ୍ଷରୁ ରେଙ୍ଗାଲି ମିନି ଷ୍ଟାଡିୟମରେ ପ୍ରଥମ ରେଙ୍ଗାଲି ପ୍ରିମିୟର ଲିଗ୍ ଆୟୋଜନ କରାଯାଇଥିଲା। ରବିବାର ଦିନ ହୀରାକୁଦ ଏଲିଟ ଓ ରେଙ୍ଗାଲି ଟାଇଟନ୍ସ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ରେଙ୍ଗାଲି ଟାଇଟନ୍ସ ଏକତରଫା ବିଜୟ ହାସଲ କରି ଚାମ୍ପିୟନ ହୋଇଥିଲା। ଫାଇନାଲରେ ଜେଏସଡବ୍ଲୁ ଭୂଷଣର ଏଚଆର ଭାଇସ ପ୍ରେସିଡେଣ୍ଟ ଜେ. ପି ସିଂ ମୁଖ୍ୟଅତିଥି, ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟ ନାରାୟଣ ଅଗ୍ରୱାଲ ଓ ନିସାଣଭଙ୍ଗା ସମିତି ସଭ୍ୟ ଜିତେନ୍ଦ୍ର ପ୍ରସାଦ ପଣ୍ଡା, ରେଙ୍ଗାଲି ସରପଞ୍ଚ ଚିତ୍ତରଞ୍ଜନ ବାଗ, ପ୍ରମୋଦ ପାତ୍ର, ଜେଏସଡବ୍ଲୁ ଭୂଷଣର ଏଚଆର ଆସିଷ୍ଟାଣ୍ଟ ଭାଇସ ପ୍ରେସିଡେଣ୍ଟ ଅନୁପମ ସିଂହ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ୮ ଟି ଦଳକୁ ନେଇ ରେଙ୍ଗାଲି ଆଥେଲେଟିକ ଆସୋସିଏଶନ ପ୍ରଥମ ଥର ରେଙ୍ଗାଲିର ଯୁବ କ୍ରିକେଟ ଖେଳାଳିଙ୍କୁ ସୁଯୋଗ ଦେବା ପାଇଁ ରେଙ୍ଗାଲି ପ୍ରିମିୟର ଲିଗ୍‌ର ଆୟୋଜନ କରିଥିଲା। ରେଙ୍ଗାଲି ଆଥେଲେଟିକ ଆସୋସିଏଶନର ତିଳକ ବାଗ, ବ୍ରଜେନ୍ଦ୍ର ପ୍ରସାଦ ପଣ୍ଡା, ମନୀଷ ସିଂ, ରଞ୍ଜନ ସାହୁ, ପ୍ରଫୁଲ୍ଲ ଗହୀର, ରଫିକ ଖାନ, ରମେଶ ଅଗ୍ରୱାଲ, ସତୀଶ ଛୁରିଆ, ଗଣେଶ ମଜୁମଦାର, ସନ୍ତୋଷ ବର୍ମା ପ୍ରମୁଖ ସହଯୋଗ କରିଥିଲେ।

## ଏମ୍‌ସିଏଲ ଜାଗୃତି ମହିଳା ମଣ୍ଡଳ ପକ୍ଷରୁ ପାଠ୍ୟ ପୁସ୍ତକ ପ୍ରଦାନ

**ସମ୍ବଲପୁର,୯।୪(ବ୍ୟୁରୋ)**

ମହାନଦୀ କୋଇଲା କମ୍ପାନୀ(ଏମ୍‌ସିଏଲ) ଜାଗୃତି ମହିଳା ମଣ୍ଡଳ ପକ୍ଷରୁ ପାଠ୍ୟପୁସ୍ତକ ପ୍ରଦାନ କାର୍ଯ୍ୟକ୍ରମ ବୁର୍ଲାସ୍ଥିତ ସରକାରୀ ମୂକ ବଧିର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜାଗୃତି ମହିଳା ମଣ୍ଡଳ ସଭାନେତ୍ରୀ ପଦ୍ମଜା ସିଂଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାଳୟର ଛାତ୍ରୀମାନଙ୍କୁ ପୁସ୍ତକ, ବ୍ୟାଗ ସମେତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଉପ ସଭାନେତ୍ରୀ ଆଲପନା ରାଓ, ସରିତା ପଟେଲ, ରଶ୍ମି ବେହୁରା ଉପସ୍ଥିତ ଥିଲେ।



ଏମସିଏଲ ଜାଗୃତି ମହିଳା ମଣ୍ଡଳ ପକ୍ଷରୁ ପାଠ୍ୟ ପୁସ୍ତକ ପ୍ରଦାନ କାର୍ଯ୍ୟକ୍ରମ।

## ଭିସୁଟ୍ ବୈଦ୍ୟୁତିକ, ଇଲେକ୍ଟ୍ରୋନିକ ବିଭାଗ ବାର୍ଷିକ ଉତ୍ସବ

**ସମ୍ବଲପୁର,୯।୪(ବ୍ୟୁରୋ)**

ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍) ବୈଦ୍ୟୁତିକ ଓ ଇଲେକଟ୍ରୋନିକ ବିଭାଗର ବାର୍ଷିକ ଉତ୍ସବ ସ୍ପେକଟ୍ରମ ଇ-ଲାର୍ଣ୍ଣି ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ବଂଶୀଧର ମାଝିଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ୟୁସିସିଆଇ ଓଡିଶାର ସଭାପତି ତଥା ରାଉରକେଲା ସେଲର ପୂର୍ବତନ ଡିଜିଏମ ଡ. ବ୍ରହ୍ମାନନ୍ଦ ମିଶ୍ର ମୁଖ୍ୟଅତିଥି ଓ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଲିମିଟେଡର ଅଧିକାରୀ ବିଶ୍ୱଜିତ ତିୱାରୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଶିଳ୍ପ ସକାଶେ କ୍ୟାରିୟର ଗାଇଡେନ୍ସ ଏବଂ ଇଲେକଟ୍ରିକାଲ ଇଣ୍ଡଷ୍ଟ୍ରିଜର ଗୁରୁତ୍ୱ ଉପରେ ସେମାନେ ଆଲୋକପାତ କରିଥିଲେ। ନୂତନ ଉଦ୍‌ଭାବନ ଏବଂ ସୃଜନଶୀଳ ପ୍ରକଳ୍ପ ପ୍ରଦର୍ଶନ ସହିତ ଛାତ୍ର, ଅନୁସନ୍ଧାନକାରୀ ଏବଂ ଶିଳ୍ପ ବିଶେଷଜ୍ଞମାନଙ୍କୁ ଏକତ୍ରିତ କରିବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଥିଲା। ଏହି କାର୍ଯ୍ୟକ୍ରମରେ ବୈଷୟିକ କୁଇଜ, ମଡେଲ ଉପସ୍ଥାପନା, ସନ୍ଦର୍ଭ ଉପସ୍ଥାପନା କରାଯାଇଥିଲା। ଏଥିସହିତ ନୃତ୍ୟ ପ୍ରଦର୍ଶନ ଏବଂ ର୍‍ୟାମ୍ପ ଶୋ ପ୍ରଭୃତି ପ୍ରତିଯୋଗିତା ହୋଇଥିଲା। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏକ ଆର୍ଟ ପ୍ରଦର୍ଶନୀ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଫେସର ସିଦ୍ଧାର୍ଥ ପଣ୍ଡା, ପ୍ରଫେସର ଶର୍ମିଳା ଗଡନାୟକ, ପ୍ରଫେସର ଶାନ୍ତି ବେହେରାଙ୍କ ସମେତ ଭିସୁଟ୍‌ର ଅଧ୍ୟାପିକା, ଅଧ୍ୟାପକ ଏବଂ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।


ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ପ୍ରଫେସର ଓ ଅନ୍ୟମାନେ।

## ଦେହରେ ନିଆଁ ଲଗାଇ କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ

**ସୁନ୍ଦରଗଡ଼,୯।୪(ଡି.ଏନ.ଏ.)**

ରବିବାର ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ଯୁକ୍ତ ଦୁଇ ଶ୍ରେଣୀର ଜଣେ ଛାତ୍ରୀ ଦେହରେ ନିଆ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୁନ୍ଦରଗଡର ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ପରେ ବୁର୍ଲା ଡାକ୍ତରଖାନା ଓ ପରେ ରାଉରକେଲା ଆଇଜିଏଚକୁ ସ୍ଥାନାନ୍ତର କରାଯାଇଛି। ମିଳିଥିବା ଖବର ଅନୁସାରେ ଝାରସୁଗୁଡା ଜିଲାରୁ ଏକତାଲି ଗାଁର ଏହି ଛାତ୍ରୀ ଜଣକ ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟରେ ଯୁକ୍ତ ଦୁଇ ପ୍ରଥମ ବର୍ଷ ଶ୍ରେଣୀର ଛାତ୍ରୀ। ରବିବାର ଦିନବେଳା ଛାତ୍ରୀ ଜଣକ ଗାଧୁଆ ଘରେ ପଶି ହଠାତ ଦେହରେ ନିଆ ଲଗାଇ ଦେଇଥିଲେ। ଦେହରେ ନିଆଁ ଲାଗିବା ପରେ ସେ ଚିତ୍କାର କରିବାରୁ ଛାତ୍ରୀ ନିବାସର ଅନ୍ୟ ଛାତ୍ରୀ, କର୍ମଚାରୀମାନେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ। ଛାତ୍ରୀଙ୍କ ଅଣ୍ଟା ଉପରୁ ଛାତି ପର୍ଯ୍ୟନ୍ତ ପୋଡି ଯାଇଛି। ଏନେଇ ପୋଲିସ ପକ୍ଷରୁ କୌଣସି ରିପୋର୍ଟ ନ ଥିବା କୁହାଯାଇଛି। ହେଲେ ହଷ୍ଟେଲ ଅଧକ୍ଷା ସିଗ୍ଧାରାଣୀ ପଟେଲ ପୋଡି ଯାଇଥିବା ଘଟଣାକୁ ସ୍ୱୀକାର କରିଛନ୍ତି। ହେଲେ କେଉଁ କାରଣରୁ ଛାତ୍ରୀ ଜଣକ ନିଜ ଦେହରେ ନିଆ ଲଗାଇଲେ ତାହା ଜଣା ପଡିନାହିଁ।

## ମାନ୍ଧାତା ବାବା ମନ୍ଦିରରେ ସାମୂହିକ ବ୍ରତୋପନୟନ


ମାନେଶ୍ୱର ମାନ୍ଧାତା ବାବା ମନ୍ଦିରରେ ସାମୂହିକ ବ୍ରତୋପନୟନ କରାଯାଉଛି।

**ସମ୍ବଲପୁର,୯।୪(ବ୍ୟୁରୋ)**

ସମ୍ବଲପୁର ଜିଲା ମାନେଶ୍ୱର ମାନ୍ଧାତା ବାବା ମନ୍ଦିର ପରିସରରେ ରବିବାର ସାମୂହିକ ବ୍ରତୋପନୟନ ଅନୁଷ୍ଠିତ ହୋଇଯାଇଛି। ଦଧିବାମନ ଏକାଦଶୀ ଆଶ୍ରମ ଓ ମାନ୍ଧାତା ବାବା ଟ୍ରଷ୍ଟ ବୋର୍ଡର ମିଳିତ ଆନୁକୂଲ୍ୟରେ ବ୍ରତ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ଜିଲାର ବିଭିନ୍ନ ଅଞ୍ଚଳରୁ ମୋଟ ୨୩ ଜଣଙ୍କ ବ୍ରତ ରୀତନୀତି ଓ ପରମ୍ପରା ଅନୁସାରେ କରାଯାଇଥିଲା। ସୁଜିତ ପଣ୍ଡା, ଦେବାଶିଷ ବିଶ୍ୱାଳ, ରାଜେନ୍ଦ୍ର ବିଶ୍ୱାଳ, ପ୍ରଦୀପ ଦାଶ, ଶ୍ରୀବତ୍ସ ନାଥ, ମନୋଜ ପଣ୍ଡା, ଭୋପାଳ ତ୍ରିପାଠୀ, ବିଶ୍ୱନାଥ ପାଢ଼ୀ, ପଞ୍ଚାନନ ଦାଶ, ସୁଶାନ୍ତ ପଣ୍ଡା, ସରୋଜ ବିଶ୍ୱାଳ, ଅନ୍ତରାମ ପାଢ଼ୀ, କପଳେଶ ତିୱାରୀ, ସୂର୍ଯ୍ୟନାରାୟଣ ବିଶି, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଭବାନୀ ଶଙ୍କର ପଣ୍ଡା, ସୁଶାନ୍ତ ମହାପାତ୍ର, ଗୋପୀକୃଷ୍ଣ ପଣ୍ଡା, ଅଶ୍ୱିନୀ ପାଢ଼ୀ, ଶିବଶଙ୍କର ପୂଝାରୀ, ଭବାନୀ ଶଙ୍କର ପୂଝାରୀ, ସୀତାଂଶୁ ପାଢ଼ଯୋଶୀଙ୍କ ବ୍ରତ ହୋଇଥିଲା। ଦଧିବାମନ ଏକାଦଶୀ ଆଶ୍ରମ ଓ ମାନ୍ଧାତା ବାବା ଟ୍ରଷ୍ଟ ବୋର୍ଡର ଅନ୍ତର୍ଯ୍ୟାମୀ ତ୍ରିପାଠୀ, ବଳରାମ ଦୀକ୍ଷିତ, ଅମ୍ବରୀଶ ପୁରୋହିତ, କ୍ଷୀରୋଦ କୁମାର ମିଶ୍ର, ବିଧାନ ଚନ୍ଦ୍ର ପଣ୍ଡା, ସୁନୀଲ ପଣ୍ଡା, ରବିନାରାୟଣ ପଣ୍ଡା, ଚନ୍ଦ୍ର ପୁରୋହିତ, ସଞ୍ଜୟ ପଣ୍ଡା, ଚିନ୍ମୟ ପଣ୍ଡା, ଜଗନ୍ନାଥ ଦୀକ୍ଷିତ, ଆଶୁତୋଷ ଦୀକ୍ଷିତ, ହରିଶଙ୍କର ପୁରୋହିତ, ସୁଦର୍ଶନ ମହାପାତ୍ର ଆୟୋଜନରେ ମୁଖ୍ୟ ଭୂମିକା ତୁଲାଇଥିଲେ। ପଣ୍ଡିତ ଭାବେ ସୁଧାଂଶୁ ଶେଖର ପାଣିଗ୍ରାହୀ ଓ ରଘୁବିର ଧର ମୁଖ୍ୟ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏଥିସହ ପୂଜାର୍ଚ୍ଚନା କରିଥିଲେ।

## ରେଙ୍ଗାଲିରେ ହନୁମାନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା


ରେଙ୍ଗାଲି ଚାଉଳ ଡିପୋରେ ହନୁମାନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ଶ୍ରଦ୍ଧାଳୁ।

**ରେଙ୍ଗାଲି,୯।୪(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ଚାଉଳ ଡିପୋରେ ହନୁମାନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଶନିବାର ଦିନ ପ୍ରତିଷ୍ଠା ଉତ୍ସବର ପୂର୍ଣ୍ଣାହୁତି ହେବା ସହ ହନୁମାନ ମନ୍ଦିର ପ୍ରବେଶ କରିଥିଲେ। ଏହି ପ୍ରତିଷ୍ଠା ଉତ୍ସବରେ ବୟନ ଶିଳ୍ପ ମନ୍ତ୍ରୀ ରିତା ସାହୁ, ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂ, ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବ କିଶୋର ଦାସ ଙ୍କ ପୁଅ ବିଶାଳ ଦାସ, ରେଙ୍ଗାଲି ବିଧାୟକ ନାଉରି ନାୟକ ଯୋଗ ଦେଇଥିଲେ। ବୁଧବାର ସକାଳେ ପ୍ରଥମେ ମନ୍ଦିରର କୁମ୍ଭ ସ୍ଥାପନ ପରେ ଅଙ୍କୁରାରୋପଣ କରାଯାଇଥିଲା। ସନ୍ଧ୍ୟାରେ ରେଙ୍ଗାଲିବାସୀ ଏକତ୍ରିତ ହୋଇ କଳସ ଯାତ୍ରା କରିଥିଲେ। ପଣ୍ଡିତ ମନୋଜ ଦେବତା ମୁଖ୍ୟ ପୂଜକ ଥିବା ବେଳେ ରମେଶ ସାହୁ ମୁଖ୍ୟ କର୍ତ୍ତା, ଦେବବ୍ରତ ପଣ୍ଡା, ମଧୁସୂଦନ ସାହୁ, ସତ୍ୟନାରାୟଣ ମହାଣା, ସନ୍ତୋଷ ମହାଣା, ପ୍ରଦୀପ ମହାଣା, ରାଜେଶ ବର୍ମା ସପତ୍ନୀ କର୍ତ୍ତା ଦାୟିତ୍ୱ ତୁଲାଇଛନ୍ତି। ଏହି ପ୍ରତିଷ୍ଠା ଉତ୍ସବରେ ପ୍ରତିଷ୍ଠା କମିଟିର କର୍ମକର୍ତ୍ତା ଓ ଗ୍ରାମବାସୀ ସହଯୋଗ କରିଥିଲେ।

# କବରାପାଲିରେ ଶ୍ରୀରାମ ନବମୀ ମହୋତ୍ସବ ଉଦ୍‌ଯାପିତ

**ସମ୍ବଲପୁର,୯।୪(ବ୍ୟୁରୋ)**

ସମ୍ବଲପୁର ଜିଲା କବରାପାଲିଠାରେ ୧୧ ଦିନ ଧରି ଚାଲିଥିବା ଶ୍ରୀରାମ ନବମୀ ମହୋତ୍ସବ ରବିବାର ପୂର୍ଣ୍ଣାହୁତି ପରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ପ୍ରଭୁ ଶ୍ରୀ ରାମଚନ୍ଦ୍ର ମନ୍ଦିର ପ୍ରବେଶ କରିଛନ୍ତି। ମହୋତ୍ସବ ପାଇଁ ୧୧ ଦିନ ଧରି କବରାପାଲି ଧାର୍ମିକ ସ୍ଥଳୀରେ ପରିଣତ ହୋଇଥିଲା। ଗ୍ରାମରେ ଆମିଷ ଓ ନିଶାଦ୍ରବ୍ୟ ସମ୍ପୂର୍ଣ୍ଣ ବାରଣ ରହିଥିବା ବେଳେ ଗ୍ରାମବାସୀ, ଅତିଥି ଓ କୁଣିଆ ଏକାଠି ବସି ଅନ୍ନ ଭୋଜନ କରି ଆସୁଥିଲେ। କହିବାକୁ ଗଲେ କବରାପାଲି ଖାଲି ଏକତା ଓ ସଂହତିର ନିଦର୍ଶନ ଦେଖାଇନି ବରଂ ଗ୍ରାମର ସାନରୁ ବଡ ସମସ୍ତେ ରାମଲୀଳା ଭଳି ପୌରାଣିକ କାହାଣୀକୁ ନେଇ ପରିବେଷିତ ନାଟକରେ ଅଭିନୟ କରି ନିଜର କଳା ନୈପୁଣ୍ୟ କୌଶଳ ପ୍ରଦର୍ଶନ କରି ଅଞ୍ଚଳରେ ଏକ ନୂତନ ବାର୍ତ୍ତା ଦେବାକୁ ସକ୍ଷମ ହୋଇଛନ୍ତି। ଚଳିତବର୍ଷ ମହୋତ୍ସବ ୭୫ ବର୍ଷରେ ପଦାର୍ପଣ କରି ପ୍ଲାଟିନମ ଜୁବୁଲି ପାଳନ କରୁଥିବା ବେଳେ ଏହାକୁ ରେଢାଖୋଲ ବିଧାୟକ ତଥା ଉଚ୍ଚ ଶିକ୍ଷାମନ୍ତ୍ରୀ ଇଂ ରୋହିତ ପୂଜାରୀ ଉଦ୍‌ଘାଟନ କରିଥିଲେ।


ରବିବାର ମହୋତ୍ସବର ପୂର୍ଣ୍ଣାହୁତି ଅବସରରେ ଶ୍ରଦ୍ଧାଳୁମାନେ।

ବିଭିନ୍ନ ଦିନରେ ବିଶେଷ ଅତିଥି ଭାବେ ଡା.ରାଜାରାମ ଷଡଙ୍ଗୀ, ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀ, ଶିକ୍ଷାବିତ୍ ରାଜେନ୍ଦ୍ର କୁମାର ପଣ୍ଡା, ଆଇଆଇଏମ୍‌ର ସିଏଫଏସ ସୁବୋଧ କୁମାର ଦୋରା, ଆସଫ ଅଲ୍ଲୀ ଖାଁ, ଗୋବିନ୍ଦ ଅଗ୍ରୱାଲ, ଦେବେନ୍ଦ୍ର ମହାପାତ୍ର ଯୋଗଦେଇ ଧର୍ମ,ସଂସ୍କୃତି ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସସ୍ମିତା ଦେହୁରୀ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ଲାଟିନମ ମହୋତ୍ସବରେ ସଂକୀର୍ତ୍ତନ, ପାରାୟଣ, ରାମଲୀଳା, ପାଲା, ମହିଳା ସଂକୀର୍ତ୍ତନ, ଭଜନ ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୭୫ ବର୍ଷ ଧରି

**ପ୍ରଭୁ ଶ୍ରୀରାମ ଚନ୍ଦ୍ରଙ୍କ ମନ୍ଦିର ପ୍ରବେଶ**

ରାମଲୀଳାର ବିଭିନ୍ନ କ୍ଷେତ୍ରରେ ଅବଦାନ ଥିବା ପ୍ରାୟ ୧୦୦ ଜଣ କଳାକାର ଓ ସଂଗଠକଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବର ସଫଳତା ପାଇଁ ବିଭିନ୍ନ ବଦାନ୍ୟ ବ୍ୟକ୍ତିଙ୍କ ସହ ସ୍ୱର୍ଗତ କୁଞ୍ଜବିହାରୀ ବଢାଇଙ୍କ ପୁତ୍ର ଦିଲିପ କୁମାର ବଢାଇ ୧ ଲକ୍ଷ ଟଙ୍କା ପ୍ରଦାନ କରି ନିଜର ବଦାନ୍ୟତା ପ୍ରଦର୍ଶନ କରିଛନ୍ତି। ଏହି ମହୋତ୍ସବରେ ଗ୍ରାମର ଅଶୋକ ମିର୍ଦ୍ଧା ଗରିବ ପରିବାରଙ୍କୁ ନୂତନ ବସ୍ତ୍ର ପ୍ରଦାନ କରିଥିବା ବେଳେ ଝୁଝୁମୁରା ବ୍ଲକ କବରାପାଲି ପଞ୍ଚାୟତ ଡ୍ରାଇଭର ସଂଘ ଦର୍ଶକଙ୍କୁ ସରବତ ଓ ପାନୀୟ ଜଳ ପ୍ରଦାନ କରିଥିଲେ। ଶରତ ଚନ୍ଦ୍ର ସାହୁ, ଅଶ୍ୱିନୀ ବଢାଇ, ମନୋଜ ପଧାନ, ସନ୍ଦୀପ ସାହୁ, ମହିମା ପ୍ରସାଦ ବଢାଇ, ସଞ୍ଜୟ ପ୍ରଧାନ, ଭବାବିଶ ଭୋଇ, ମନୋଜ ବଢାଇ, କ୍ଷୀରୋଦ ଚନ୍ଦ୍ର ସାହୁ, ହେମନ୍ତ ସାହୁ, ଲଳିତ ଭୋଇ, ସୁରେନ୍ଦ୍ର ପଧାନ, ଦିଲିପ କୁମାର ବଢାଇ, ଗୋବିନ୍ଦ ଚନ୍ଦ୍ର ସାହୁ, ଜଗନ୍ନାଥ ପଧାନ ପ୍ରମୁଖ ମହୋତ୍ସବ ପରିଚାଳନା କରିଥିଲେ।

## ହରିହର ନୋଡାଲ ହାଇସ୍କୁଲ ପ୍ରତିଷ୍ଠା ଉତ୍ସବ ଆଜି



ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ଯୋଗୀସର୍ଡା ଗ୍ରାମର ହରିହର ନୋଡାଲ ହାଇସ୍କୁଲ ୫୬ ତମ ପ୍ରତିଷ୍ଠା ଦିବସ ସୋମବାର ପାଳନ କରାଯିବ। ଏଥିପାଇଁ ସମସ୍ତ ପ୍ରସ୍ତୁତ ସରିଛି। ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରତିଷ୍ଠା ଉତ୍ସବରେ ସ୍କୁଲ ପ୍ରତି ଅବଦାନ ରହିଥିବା ବ୍ୟକ୍ତିବିଶେଷ ତଥା ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର, ପୁରାତନ ଛାତ୍ରୀଛାତ୍ର ଓ କର୍ମକର୍ତ୍ତାଙ୍କୁ ସମ୍ମାନୀତ କରାଯିବ ବୋଲି ପ୍ରଧାନଶିକ୍ଷକ ଅଶୋକ କୁମାର ତ୍ରିପାଠୀ କହିଛନ୍ତି।

## ସଂକ୍ଷେପରେ

### ସମ୍ପନ୍ନ ହେଲା ମୁରିବାହାଲ ରାମଲୀଳା



**ମୁରିବାହାଲ,୯।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲ୍ଲା ମୁରିବାହାଲ ସଦର ମହକୁମାରେ ବ୍ଲକର ସର୍ବପୁରାତନ ନାଟ୍ୟସଂସ୍ଥା ଶ୍ରୀରାମ ଲୀଳା ପ୍ରଚାର ପ୍ରସାର ସମିତି ଆୟୋଜିତ ୨୩ତମ ରାମଲୀଳା ମହୋସବ ଶନିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଶେଷ ଦିବସରେ ହନୁମାନଙ୍କ ସୀତା ଠାବ ଏବଂ ସେତୁବନ୍ଧ ପ୍ରତିଷ୍ଠା ଆଦି ଲୀଳା ନାଟକ ମଞ୍ଚସ୍ଥ ହୋଇଥିଲା। ମୁରିବାହାଲ ଶ୍ରୀରାମ ଲୀଳା ମଣ୍ଡପଠାରେ ଗତ ୨୯ ତାରିଖଠାରୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ସହ ରାମ ନବମୀ ଉତ୍ସବ ଆରମ୍ଭ ହୋଇଥିଲା। ପ୍ରତ୍ୟେକ ଦିବସର ରାତି ପ୍ରାୟ ୯ଟାରେ ନାଟକ ଆରମ୍ଭ ହୋଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲୁଥିଲା। ଶ୍ରୀରାମ ଭୂମିକାରେ ଜିତେନ୍ଦ୍ରିୟ ଭୋଇ, ସୀତା ମକୁନ୍ଦ ବଘାର, ଲକ୍ଷ୍ମଣ ଗୌତମ ପଧାନ, ଭରତ ଓ ରାବଣ ଭୂମିକାରେ କୁଞ୍ଜବିହାରୀ ଯୋଶୀ, ଦଶରଥ ଅଧିବାସ ମାହାର, କୌଶଲ୍ୟା ଉମେଶ ସେଟ, କୈକେଇ ନିରାକାର ବଘାର, ସୁମିତ୍ରା ରାଧାକାନ୍ତ ସାହୁ, ବଶିଷ୍ଠ ଋଷି ହୃଷିକେଶ ମାହାର, ଇନ୍ଦ୍ରଜିତ କାମଦେବ ପଧାନ, ହନୁମାନ ଭୂମିକାରେ ବାସୁଦେବ ପଧାନ ଓ ମନ୍ଥରା ଭାବେ ଅଶୋକ କୁମାର ତାରିଆ ଅଭିନୟ କରିଥିଲେ। ଶ୍ରୀରାମ ଲୀଳା ପ୍ରଚାର ପ୍ରସାର କମିଟି ସଭାପତି ଘାସିରାମ ସେଟ, ସମ୍ପାଦକ ସୁଧୀର ପ୍ରଧାନ, କୋଷାଧ୍ୟକ୍ଷ ବସନ୍ତ ଭୋଇ, ନିର୍ଦ୍ଦେଶକ ଶାନ୍ତରାମ ପଧାନଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

### ଅଙ୍ଗନୱାଡି ହେଲପର ନିଯୁକ୍ତିକୁ ନେଇ ବିବାଦ

**ନ୍ୟାୟ ପାଇଁ ବିଧାୟକଙ୍କୁ ଭେଟିଲେ ମହିଳା**

**ଲୋଇସିଂହା,୯।୪(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଅନ୍ତର୍ଗତ ଭାଲୁପାଲି ଗ୍ରାମର ଏକ ଅଙ୍ଗନୱାଡି କେନ୍ଦ୍ରରେ ହେଲପର ନିଯୁକ୍ତିକୁ ନେଇ ବିବାଦ ଉପୁଜିଛି । ପ୍ରଥମ ନିଯୁକ୍ତିକୁ ବାତିଲ କରି ଅନ୍ୟ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଏହାର ପ୍ରତିବାଦ କରି ଗ୍ରାମବାସୀ ସ୍ଥାନୀୟ ବିଧାୟକ ମୁକେଶ ମହାଲିଙ୍ଗଙ୍କୁ ଏକ ଦାବି ପତ୍ର ଦେଇ ଉପଯୁକ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ୨୦୨୩ ମାର୍ଚ୍ଚ ୩ରେ ଭାଲୁପାଲି ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରର ହେଲପର ନିଯୁକ୍ତି ପାଇଁ ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଗ୍ରାମର ସ୍ୱର୍ଗତ ଦୁର୍ଗାପ୍ରସାଦ ଚୌହାନଙ୍କ ସ୍ତ୍ରୀ କୌଶଲ୍ୟା ମହଲାଙ୍କ ସମେତ ୪ ଜଣ ମହିଳା ଏହି ପଦବୀ ପାଇଁ ଆବେଦନ କରିଥିଲେ । ୧୮ ମାର୍ଚ୍ଚରେ କେନ୍ଦ୍ରରେ ସିଡିପିଓ, ସୁପରଭାଇଜରଙ୍କ ଉପସ୍ଥିତିରେ ସାକ୍ଷାତକାର କରାଯାଇଥିଲା । ୧୮ ମାର୍ଚ୍ଚର ଅନୁମୋଦନ କ୍ରମେ ବିଭାଗର ପତ୍ର ସଂଖ୍ୟା ୨୯୪/ମାର୍ଚ୍ଚ ୨୦ରେ କୌଶଲ୍ୟାଙ୍କୁ ନିଯୁକ୍ତି ପତ୍ର ଦିଆଯାଇଥିଲା। ନିଯୁକ୍ତି ପାଇ ମାର୍ଚ୍ଚ ୨୯ରେ ସେ କେନ୍ଦ୍ରରେ ଯୋଗଦେଇ କାମ କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀମାନେ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ । ଏହାପରେ କୌଶଲ୍ୟାଙ୍କ ନିଯୁକ୍ତିକୁ ବାତିଲ କରି ଦିଆଯାଇ ବିଭାଗର ପତ୍ରସଂଖ୍ୟା ୩୫୯ /୪।୪୨୦୨୩ରେ ଜାମିନୀ ଘିବେଲାଙ୍କୁ ନିଯୁକ୍ତି ଦିଆଯାଇଛି । ହେଲପର ନିଯୁକ୍ତିରେ ବିଧବା ଓ ସ୍ୱାମୀ ପରିତ୍ୟକ୍ତାଙ୍କୁ ପ୍ରାଧାନ୍ୟ ଦିଆଯାଉଥିବାବେଳେ କାହା ଚାପରେ କୌଶଲ୍ୟାଙ୍କ ନିଯୁକ୍ତିକୁ ବାତିଲ କରି ଅନ୍ୟଜଣଙ୍କୁ ନିଯୁକ୍ତି ଦିଆଗଲା ତାହାକୁ ନେଇ ଗ୍ରାମବାସୀ ପ୍ରଶ୍ନ କରଛନ୍ତି। ଏ ନେଇ ସିଡିପିଓ ପ୍ରଜ୍ଞାରାଣୀ ବାରିକଙ୍କୁ ପଚାରିବାରୁ ନୂତନ ଗାଇଡଲାଇନ୍ସ ଓ ଜିଲାପାଳଙ୍କ ନିର୍ଦ୍ଦେଶ ପରେ ସାନି ନିଯୁକ୍ତି ଦିଆଯାଇଛି। ତେବେ ନିଯୁକ୍ତିକୁ ଚ୍ୟାଲେଞ୍ଜ କରୁଥିବା ପ୍ରାର୍ଥିନୀ ସବକଲେକ୍ଟରଙ୍କ ପାଖରେ ଏ ନେଇ ଆବେଦନ କରି ପାରିବେ ବୋଲି ସେ କହିଛନ୍ତି।

# ସୀତା ହରଣ, ଜଟାୟୁ ମରଣ

**ରାମଜୀ ସଂସ୍କୃତି ପରିଷଦ ରାମଲୀଳା**

■ଦର୍ଶକଙ୍କୁ ବିମୁଗ୍ଧ କଲା ଲୀଳା କଳାକାରଙ୍କ ଅଭିନୟ

ବଲାଙ୍ଗୀର ଅଫିସ, ୯।୪

ବଲାଙ୍ଗୀର ସହରର ସର୍ବପୁରାତନ ରାମଜୀ ସଂସ୍କୃତି ପରିଷଦ ପକ୍ଷରୁ ଜଗନ୍ନାଥପଡା ଜଗନ୍ନାଥ ମନ୍ଦିର ସମ୍ମୁଖରେ ମଞ୍ଚସ୍ଥ ରାମଲୀଳା ନାଟକର ସପ୍ତମ ରଜନୀରେ ଶନିବାର ସୀତା ହରଣ ଓ ଜଟାୟୁ ମରଣ ଅଭିନୀତ ହୋଇଥିଲା। ସ୍ଥାନୀୟ ରାମଜୀପଡା ଓ ଜଗନ୍ନାଥପଡା ମନ୍ଦିର ପ୍ରାଙ୍ଗଣରେ ଗତ ୭ ଦିନ ଧରି ମଞ୍ଚସ୍ଥ ଲୀଳା ନାଟକକୁ ସହସ୍ରାଧିକ ଦର୍ଶକ ଉପଭୋଗ କରିଛନ୍ତି। ରାମଲୀଳାର ଭରତ ମିଳନ, ରାକ୍ଷାସ ବଧ, ବନ ଗମନ, ସୂର୍ପନଖାଙ୍କ ନାଶା ଛେଦନ, ମାୟାମୃଗ ବଧ ଅଧ୍ୟାୟ ମଞ୍ଚସ୍ଥ ହୋଇସାରିଛି। ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ସ୍ତ୍ରୀ ରୋଗ ଏବଂ ପ୍ରସୂତୀ ବିଶେଷଜ୍ଞ ଡା ରୁଦ୍ରନାରାୟଣ ପଟେଲ ଚଳିତବର୍ଷ ମଧ୍ୟ ରାବଣ ଭୂମିକାରେ ଅଭିନୟ କରୁଥିବାରୁ ଦର୍ଶକଙ୍କ ଭିତରେ ଉତ୍ସାହ ପରିଲକ୍ଷିତ ହୋଇଛି। ଶନିବାରଠାରୁ ଲୀଳା ନାଟକରେ ରାବଣଙ୍କ ଆବିର୍ଭାବ ପରେ ଦର୍ଶକଙ୍କ ଭିଡ ବୃଦ୍ଧି ପରିଲକ୍ଷିତ ହୋଇଛି। ଶନିବାର ରାତିରେ ସୀତା ହରଣ ଦୃଶ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ମାରିଚ ଭୂମିକାରେ ପ୍ରହଲ୍ଲାଦ ଦର୍ଜୀ ଅଭିନୟ କରିଥିଲେ। ରାମ ଭୂମିକାରେ ଶୈଳେନ କୁମାର ବାବୁ, ଲକ୍ଷ୍ମଣ ଭୂମିକାରେ ଆନନ୍ଦ ମିଶ୍ର, ସୀତାଙ୍କ ଭୂମିକାରେ ମାନସ ସାହୁ, ତ୍ରିଜଟା ଭୂମିକାରେ କ୍ଷେତ୍ରବାସୀ ବନଛୋର, ଯତି ରାବଣ ଭୂମିକାରେ ଚିତ୍ତାନନ୍ଦ ବେହେରା, ଅସୁରୁଣୀ ଭୂମିକାରେ ଦୁଷ୍ମନ୍ତ ପଟେଲ, ରାମ ପ୍ରସାଦ ସାହୁ, ଇନ୍ଦ୍ର ଭୂମିକାରେ ସତ୍ୟନାରାୟଣ ମାଝି, ମାୟା ମୃଗ ଭୂମିକାରେ ବେଲାର ସାହୁଙ୍କ ଅଭିନୟକୁ ଦର୍ଶକ ଭୂୟସୀ ପ୍ରଶଂସା କରିଥିଲେ। ଗୁରୁ ବାଳମୁକୁନ୍ଦ ବେହେରାଙ୍କ ନିର୍ଦ୍ଦେଶନାରେ ପରିବେଷିତ ରାମଲୀଳା ଦର୍ଶକଙ୍କୁ ଆମୋଦିତ କରୁଛି। ଶ୍ରୀୟା ପଟେଲ କଣ୍ଠଦାନ କରିଛନ୍ତି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଲୀଳା ନାଟକ ମଞ୍ଚସ୍ଥ ହେଉଅଛି।



ରାମଲୀଳୀ ନାଟକରେ ସୀତା ହରଣ ଦୃଶ୍ୟ।

# ୬ ବୃହତ୍ ପାନୀୟ ଜଳ ପ୍ରକଳ୍ପକୁ ଅନୁମୋଦନ

**ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ଟୁକୁନୀ ସାହୁ ଦେଲେ ସୂଚନା**



ମନ୍ତ୍ରୀ ଟୁକୁନୀ ସାହୁ ଖବରଦାତା ସମ୍ମିଳନୀରେ ଅନୁମୋଦିତ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଉଛନ୍ତି।

ବଲାଙ୍ଗୀର ଅଫିସ, ୯।୪

ବଲାଙ୍ଗୀର ଜିଲାର ୬ଟି ବୃହତ୍ ପାନୀୟ ଜଳ ପ୍ରକଳ୍ପକୁ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ରବିବାର ଜଳସମ୍ପଦ ମନ୍ତ୍ରୀ ଟୁକୁନୀ ସାହୁ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଖବରଦାତା ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି। ଏହି ୬ଟି ବୃହତ୍ ପାନୀୟ ଜଳ ପ୍ରକଳ୍ପ ପାଇଁ ୫ଶହ ୫କୋଟି ୩୨ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଜିଲାର ବଲାଙ୍ଗୀର, ପୁଇଁତଳା, ଆଗଲପୁର, ଲୋଇସିଂହା, ଦେଓଗାଁ, ତୁରେକେଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକର ୬୯ପଞ୍ଚାୟତର ୩୬୧ ଗ୍ରାମର ୩ ଲକ୍ଷ ୬ ହଜାର ୪୪୧ ଜଣ ଲୋକ ଉପକୃତ ହେବେ ବୋଲି ସୂଚନା ଦେଇଥିଲେ। ଏହି ପ୍ରକଳ୍ପଗୁଡିକ ଆସନ୍ତା ୨୪ ମାସ ମଧ୍ୟରେ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିବା ମନ୍ତ୍ରୀ ସାହୁ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ଜିଲା କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ମହାନ୍ତି, ଜିଲା ପରିଷଦ ସଭାପତି ଦେବକୀ ସାହୁ, ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ, ପୂର୍ବତନ ବିଧାୟକ ଆୟୁବ ଖାନ୍, ଅଜୟ ଦାସ, ବିଜେଡି ଜିଲା ମହିଳା ସଭାନେତ୍ରୀ ଦମୟନ୍ତୀ ବାଗ ମଞ୍ଚାସୀନ ଥିଲେ।

# ଆଉଟ୍ ସୋର୍ସିଂ ୟୁନିୟନର ୧୧ ଦଫା ସ୍ମାରକପତ୍ର



ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ରଙ୍କୁ ସରକାରୀ ଆଉଟ ସୋର୍ସିଂ ୟୁନିଅନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ବଲାଙ୍ଗୀର ଅଫିସ, ୯।୪

ଓଡିଶା ସରକାରୀ ଆଉଟ ସୋର୍ସିଂ ୟୁନିଅନ ବଲାଙ୍ଗୀର ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବଲାଙ୍ଗୀର ଜିଲାର ବିଭିନ୍ନ ବିଧାନସଭା ଆସନରୁ ପ୍ରତିନିଧିତ୍ୱ କରୁଥିବା ମନ୍ତ୍ରୀ ଏବଂ ବିଧାୟକ ଜରିଆରେ ୧୧ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ରବିବାର ପ୍ରଦାନ କରାଯାଇଛି। ରାଜ୍ୟ ସଙ୍ଗଠନ ଆହ୍ୱାନ କ୍ରମେ ଦୁଇ ଥର ହେଲା ଭୁବନେଶ୍ୱର ରାଜରାସ୍ତାରେ ୟୁନିଅନ ପକ୍ଷରୁ ଆନ୍ଦୋଳନ ପ୍ରଦର୍ଶନ ପୂର୍ବକ ନିଜର ନାର୍ଯ୍ୟ ଦାବି ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ମାତ୍ର ଏପର୍ଯ୍ୟନ୍ତ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ଗତ ମାର୍ଚ୍ଚ ମାସରେ ଆୟୋଜିତ ଆନ୍ଦୋଳନ ବେଳେ ଉନ୍ନୟନ କମିଶନର ଅନୁ ଗର୍ଗ ଶୀଘ୍ର ଆଖିଦୃଶିଆ ପଦକ୍ଷେପ ସରକାର ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇ ଆନ୍ଦୋଳନ ପ୍ରତ୍ୟାହୃତ କରିବା ପାଇଁ ପରାମର୍ଶ ଦେଇଥିଲେ। ଏ ଭିତରେ ରାଜ୍ୟର ସମସ୍ତ ମନ୍ତ୍ରୀ ଓ ବିଧାୟକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିବା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ପରିପ୍ରେକ୍ଷୀରେ ବଲାଙ୍ଗୀର ଜିଲା ଶାଖା ପକ୍ଷରୁ ଲୋଇସିଂହା ବିଧାୟକ ଡ଼. ମୁକେଶ ମହାଲିଙ୍ଗ, ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଓ ଟିଟିଲାଗଡ଼ ବିଧାୟିକା ତଥା ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ୟୁନିଅନର ବାଲାଙ୍ଗୀର ଜିଲା ସଭାପତି ରାଜେଶ ଝାଙ୍କର, ସମ୍ପାଦକ ଚଞ୍ଚଳ ମିଶ୍ର, ଉପସଭାପତି ଦିଲୀପ ସାହୁ, ସହସମ୍ପାଦକ ସୁନୀଲ ମିଶ୍ର, କୋଷାଧ୍ୟକ୍ଷ ସତ୍ୟାନନ୍ଦ ସେଠ, ସରୋଜ ଦେହେରୀ, ଆଶୁତୋଷ ବେହେରାମାଲି, କଳିଙ୍ଗ ସୁନା, ଅରୁଣ କୁମାର ସାଗର, ପୁଷ୍ପକ ସ୍ୱାଇଁ, ପ୍ରଦୀପ ସାହୁ, ସୁଜ୍ଞାନୀ ପଟ୍ଟନାୟକ, ସୂର୍ଯ୍ୟକାନ୍ତ ବେହେରା, ଯୋଗେନ୍ଦ୍ର ମନହୀରା, ଲକ୍ଷଣ ସାହୁ, ହିମାଂଶୁ ବେହେରା, ହେମନ୍ତ ବଳବନ୍ତରାୟ, ରଶ୍ମିରଞ୍ଜନ ହୋତା ଓ ଅନୀଲ ତୁଙ୍ଗତୁଙ୍ଗ ବିଧାୟକ ଓ ମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ଦେଇଥିଲେ।

### ଦୃଢ଼ ଲକ୍ଷ୍ୟ ନେଇ ଆଗକୁ ବଢନ୍ତୁ ଛାତ୍ରୀଛାତ୍ର

ଲାଠୋର, ୯।୪(ଡି.ଏନ.ଏ.)

ଲକ୍ଷ୍ୟ ଦୃଢ ନ ହେଲେ ଶୀର୍ଷରେ ପହଞ୍ଚିବା କଷ୍ଟକର। ତେଣୁ ଛାତ୍ର ଜୀବନରୁ ଦୃଢ ଲକ୍ଷ୍ୟ ରଖି ବିଦ୍ୟାର୍ଥୀ ଆଗକୁ ବଢନ୍ତୁ, ସଫଳତା ଆପେ ମିଳିଯିବ। ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଜୟହୀନ୍ଦ ପବ୍ଲିକ ସ୍କୁଲର ଅଷ୍ଟମ ବାର୍ଷିକ ଉତ୍ସବରେ ମୁଖ୍ୟବକ୍ତାଭାବେ ଯୋଗଦେଇ ଏହା କହିଛନ୍ତି ଟିଟିଲାଗଡ଼ ଡ଼ିଏଭି କଲେଜ ଅଧ୍ୟକ୍ଷ ଡ଼.ମଧୁସୂଦନ ମିଶ୍ର। ସ୍କୁଲ ଅଧ୍ୟକ୍ଷ ରଞ୍ଜନ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଡ. ମିଶ୍ର କହିଥିଲେ ପିଲାମାନେ ପାଠପଢା ସାଙ୍ଗକୁ ଏକ ସୁଚରିତ୍ରବାନର ପରିଚୟ ସୃଷ୍ଟି କରିବା ଏକ ଛାତ୍ରର ନୈତିକ କର୍ତ୍ତବ୍ୟ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ରାଜେନ୍ଦ୍ର କୁମାର ଢୋଲକିଆ ତାଙ୍କ ବକ୍ତବ୍ୟରେ ଶିକ୍ଷାର ବିକାଶ ଦିଗରେ ଉଭୟ ଅଭିଭାବକ ଏବଂ ଶିକ୍ଷକ ମିଳିତ ଭାବେ କାର୍ଯ୍ୟ କରନ୍ତୁ ବୋଲି କହିଥଇଲେ। ସମ୍ମାନିତ ଅତିଥି ଭାବେ ପାଟଣାଗଡ଼ ବିଧାୟକ ସରୋଜ କୁମାର ମେହେର, ସ୍କୁଲ ପରିଚାଳନା ସମିତି ଚେୟାରମ୍ୟାନ ଶଙ୍କରଲାଲ ଅଗ୍ରୱାଲ, ଉପସଭାପତି ବଂଶୀଧର ଅଗ୍ରୱାଲ, ସମ୍ପାଦକ ପଙ୍କଜ କୁମାର ଅଗ୍ରୱାଲ ଯୋଗ ଦେଇଥିଲେ। ଏହି ଅବସରରେ ବିଧାୟକ ମେହେର ନବନିର୍ମିତ ସ୍କୁଲକୋଠାକୁ ଉଦ୍‌ଘାଟନ କରିଥିଲେ। ପରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ସଭା ପରେ ପ୍ରଭାତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଶୋଚନୀୟ ରାସ୍ତାକୁ ନେଇ ଉଦ୍‌ବେଗ



ବଲାଙ୍ଗୀର ମାଲପଡା ନାଗରିକ କମିଟିର ମାସିକିଆ ବୈଠକରେ ଉପସ୍ଥିତ କାର୍ଯ୍ୟକର୍ତ୍ତା ଓ ସଦସ୍ୟ।

**ମାଲପଡା ନାଗରିକ କମିଟିର ବୈଠକ**

ବଲାଙ୍ଗୀର ଅଫିସ, ୯।୪

ବଲାଙ୍ଗୀର ମାଲପଡା ନାଗରିକ କମିଟିର ମାସିକିଆ ବୈଠକ ଯୁଧିଷ୍ଠିର ମିଶ୍ରଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଛି। ବୈଠକରେ ବଲାଙ୍ଗୀର ମ୍ୟୁନିସିପାଲିଟି ଅନ୍ତର୍ଗତ ୱାର୍ଡ ନମ୍ବର ୧୪ ଓ ୧୫ର ସର୍ବାଙ୍ଗୀନ ଉନ୍ନତି ପାଇଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଇ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏହି ୱାର୍ଡରେ ଶୋଚନୀୟ ରାସ୍ତାଘାଟକୁ ନେଇ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ପ୍ରହରୀ ଛକଠାରୁ ଦକ୍ଷିଣ ଦିଗକୁ ଆଶୁତୋଷ ଛକ ପର୍ଯ୍ୟନ୍ତ ପିଚୁ କାମ କରିବା ପାଇଁ ଏବଂ ଡ୍ରେନ ତିଆରି କରିବା ପାଇଁ ମ୍ୟୁନିସିପାଲିଟିକୁ ବହୁ ଆଗରୁ ପ୍ରସ୍ତାବ ଦିଆ ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କୁ ପତ୍ର ମାଧ୍ୟମରେ ବହୁବାର ଜଣାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା କିମ୍ବା ପଦକ୍ଷେପ ନିଆଯାଉନାହିଁ। ପିଏଚ୍‌ଡି ପାଣି ସବୁଦିନ ଯୋଗାଣ ହେଉନାହିଁ। ମାଲପଡା ସ୍କୁଲ ଗୃହ ଭଙ୍ଗାରୁଜା ହୋଇ ପଡିରହିଛି। ମରାମତି ପାଇଁ ମ୍ୟୁନିସିପାଲିଟିକୁ ବହୁ ଥର ଅନୁରୋଧ କରାଯାଇଛି। ଆଜି ପର୍ଯ୍ୟନ୍ତ ଉପରୋକ୍ତ କାମଗୁଡିକ କରାଯାଉନାହିଁ। ଏହାକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗୋପବନ୍ଧୁ ମିଶ୍ର, ତରୁଣ କୁମାର ମିଶ୍ର, ଅଶୋକ କୁମାର ଚାନ୍ଦ, ସମ୍ପାଦକ ବସୁଦେବ ନାଗ, ପଞ୍ଚାନନ ସେଠ, ଶ୍ୟାମ ସୁନ୍ଦର ଆଚାର୍ଯ୍ୟ, ଦେବଜିତ ଯୋଷୀ, ଦୟାସାଗର ବର୍ଗତି, ଛବି ବେହେରା ବକ୍ତବ୍ୟ ରଖିଥିଲେ।

# ଖଇର କାଠ ବୋଝେଇ ଟ୍ରକ ଜବତ, ୨ ଗିରଫ

ଲୋଇସିଂହା,୯।୪(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବନ ରେଞ୍ଜ ଅନ୍ତର୍ଗତ ଆଗଲପୁର ବ୍ଲକ ମହାକୁରପାଲି ଗାଁରେ ବନ ବିଭାଗ ଚଢାଉ କରି ରବିବାର ଏକ ଖଇର ଗଣ୍ଡି ବୋଝେଇ ୧୨ ଚକିଆ ଟ୍ରକ(ସିଜି୧୫ଏସି ୧୦୩୧) ଜବତ କରିଛି । ଜବତ କାଠ ପରିମାଣ ୧୨ ଟନ । ଏହାର ଆନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କା ହେବ । ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ନୂଆଁପାଲି ଗ୍ରାମର ଜଗଦୀଶ ବାଙ୍କ (୩୪) ଏବଂ ଛତିଶଗଡ ରାଜ୍ୟ ସାରଙ୍ଗଗଡ ଜିଲା ସରସିଆଁ ଗ୍ରାମର ସୂର୍ଯ୍ୟପ୍ରକାଶ କେୱାଟ(୨୦)। ଏନେଇ ବନ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ରେଞ୍ଜ ଅଫିସର ପାଉଲ ହରପାଲ କହିଛନ୍ତି। ଅପରପକ୍ଷେ ବେଆଇନ ଚାଲାଣର ମୁଖ୍ୟ ଅଭିଯୁକ୍ତ ସତ୍ୟ ପଟେଲଙ୍କ ସମେତ ଅନ୍ୟ କେତେଜଣ ଫେରାର ହୋଇଯାଇଛନ୍ତି। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସାଲେଭଟା ଫରେଷ୍ଟର ବିଦ୍ୟାଧର ବେହେରା କହିଛନ୍ତି। ସାଲେଭଟା ସେକ୍ସନ ଅଧୀନ ମହାକୁରପାଲି ଗାଁ ନିକଟରୁ ବିପୁଳ ପରିମାଣରେ ଖଇର ଗଣ୍ଡି ରାଜ୍ୟ ବାହାରକୁ ଚାଲାଉ ହେଉଥିବା ବନ ବିଭାଗକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଡିଏଫଓ ନୀତିଶ କୁମାରଙ୍କ ନିର୍ଦ୍ଦେଶରେ ରେଞ୍ଜ ଅଫିସର ହରପାଲଙ୍କ ନେତୃତ୍ୱରେ ସାଲେଭଟା ଫରେଷ୍ଟ ବେହେରା, ସରଗାଡ ଫରେଷ୍ଟର ସମୀର ରଞ୍ଜନ ମହାପାତ୍ର ଓ ଟିମ୍ ରବିବାର ଭୋରରେ ମହାକୁରପାଲିରେ ଚଢାଉ କରିଥିଲେ। ହେଲେ ଏଥିପୂର୍ବରୁ କାଠ ବୋଝେଇ ପାଇଁ ନିୟୋଜିତ ଶ୍ରମିକ ଏବଂ ମୁଖ୍ୟ ଅଭିଯୁକ୍ତ ଘଟଣାସ୍ଥଳରୁ ଖସିଯିବାରେ ସକ୍ଷମ ହୋଇଥିଲେ। ଅପରପକ୍ଷେ ଗାଡି କେବିନରେ ଥିବା ୨ ଜଣଙ୍କୁ ବନ କର୍ମଚାରୀ ଗିରଫ କରିଥିବା ଫରେଷ୍ଟ ବେହେରା କହିଛନ୍ତି। ଗିରଫ ଜଗଦୀଶଙ୍କ କହିବା ମୁତାବକ, ସତ୍ୟ ପଟେଲଙ୍କ ଜରିଆରେ ଛତିଶଗଡ ବିଳାସପୁର ଅଞ୍ଚଳକୁ ଏହା ଚାଲାଣ ହେଉଥିଲା। ଦୁଇବର୍ଷ ତଳେ ଉକ୍ତ ଗ୍ରାମର ସୀମାନ୍ତ ଜଙ୍ଗଲରୁ ହାତୀ ଶିକାର କରି ଦୁର୍ବୃତ୍ତମାନେ ଦାନ୍ତ ଲୁଟି ନଇଥିଲେ। ଏହି ଘଟଣାରେ ସେତେବେଳେ କେତକ ବନ କର୍ମଚାରୀ ନିଲମ୍ବିତ ହୋଇଥିଲେ। ସମ୍ପୃକ୍ତ ଅଞ୍ଚଳରୁ ବାରମ୍ବାର ଜଙ୍ଗଲ ଲୁଟ୍ ଏବଂ ଜୀବଜନ୍ତୁ ଶିକାର ବଢି ଚାଲିଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି ।



ଜବତ ଖଇର ଗଣ୍ଡି ବୋଝେଇ ଟ୍ରକ୍, ଗିରଫ ୨ ଅଭିଯୁକ୍ତ।



# ସ୍ୱାସ୍ଥ୍ୟ, ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟିତ

ଟିଟିଲାଗଡ଼, ୯।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ଼ଠାରେ ରାଜ୍ୟ ସରକାର ଏବଂ ରାଜସ୍ଥାନୀ ଫାଉଣ୍ଡେସନ ଚେନ୍ନାଇର ମିଳିତ ଆନୁକୂଲ୍ୟରେ ହେଲଥ ଆଣ୍ଡ ଆୱାରନେସ କେନ୍ଦ୍ର ରବିବାର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟଅତିଥି, ସମ୍ମାନୀତ ଅତିଥିଭାବେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା ସିଂଦେଓ, ଟିଟିଲାଗଡ଼ ଉପଜିଲାପାଳ ଦୟାମୟ ପାଢ଼ୀ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ କୁମାର ଗୁରୁ, ପୌରାଧ୍ୟକ୍ଷା ମମତା ଜୈନ, ସଂଗଠନର ଟ୍ରଷ୍ଟି ଶ୍ୟାମସୁନ୍ଦର ଗୋଏଙ୍କା, କୋଷାଧ୍ୟକ୍ଷ ଏମ.ଭିକମ.ଜୈନଙ୍କ ଉପସ୍ଥିତିରେ ନୂତନ କେନ୍ଦ୍ର ଉଦ୍‌ଘାଟିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ସଭାରେ ସଂଗଠନ ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ଶର୍ମା ଏହି ଆରୋଗ୍ୟ କେନ୍ଦ୍ରରେ ରୋଗୀ ସମ୍ପୂର୍ଣ୍ଣ ମାଗଣାରେ ଚିକିତ୍ସା ପରାମର୍ଶ, ଔଷଧ, ଫିଜିଓଥେରାପି, ଡାଇଲେସିସ, ରକ୍ତର ସମସ୍ତ ପରୀକ୍ଷା ପାଇପାରିବେ ବୋଲି କହିଥିଲେ। ସାଧାରଣ ରୋଗଠାରୁ ଆରମ୍ଭ କରି ଅତି ଗୁରୁତର ରୋଗୀ ଯଥା ହୃଦ୍‌ଘାତ ଆଦି ପାଇଁ ଜୀବନ ରକ୍ଷା ନେଇ ଆବଶ୍ୟକ ବ୍ୟବସ୍ଥା ମଧ୍ୟ ଏଠାରେ ଉପଲବ୍ଧ ରହିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚେନ୍ନାଇ ଗସ୍ତ ସମୟରେ ସେଠାକାର ମାରୱାଡି ସମାଜକୁ ସାକ୍ଷାତ୍ ସହ କେବିକେ ଅଞ୍ଚଳରେ ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ନେଇ ପଦକ୍ଷେପ ନେବାକୁ ଆଗ୍ରହ କରିଥିଲେ। ତାହା ପରଠାରୁ ତତ୍କାଳୀନ ଜିଲାପାଳ ଆଶିଷ ଠାକରେ ଏବଂ ବର୍ତ୍ତମାନର ଜିଲାପାଳ ଚଞ୍ଚଳ ରାଣାଙ୍କ ଆଗ୍ରହ ନେଇ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସିଏସଆର ଯୋଜନାରେ ଏହା ସାକାର ହୋଇଥିବା ଶର୍ମା ମୁଖ୍ୟମନ୍ତ୍ରୀଙ୍କୁକୃତଜ୍ଞତା ଜଣାଇଥିଲେ। ବର୍ତ୍ତମାନ ପ୍ରତ୍ୟହ ସକାଳ ୮ରୁ ଅପରାହ୍ନ ୧୧ ଏବଂ ସନ୍ଧ୍ୟା ୫ଟାରୁ ରାତ୍ରୀ ୮ଟା ପର୍ଯ୍ୟନ୍ତ କେନ୍ଦ୍ର ରୋଗୀ ସେବା ପ୍ରଦାନ କରାଯିବ। ପରେ ଏଠାରେ ୨୪ ଘଣ୍ଟିଆ ସେବା ପ୍ରଦାନ ବ୍ୟବସ୍ଥା ହେବ। ପ୍ରତ୍ୟେକ ମାସ ବିଶେଷଜ୍ଞ ଡାକ୍ତରଙ୍କ ଉପସ୍ଥିତିରେ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହେବ। ଉଦ୍‌ଘାଟନୀ ସଭାରେ ମନ୍ତ୍ରୀ ସାହୁ ଟିଟିଲାଗଡ଼ରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରସଙ୍ଗ ଉଠାଇଥିଲେ। ରାଜ୍ୟ ସରକାର ଶିକ୍ଷାର ବିକାଶ ନେଇ ୫-ଟି ସ୍କୁଲ ଆଦି ଅନେକ ଯୋଜନା ପ୍ରଣୟନ କରୁଥିବା ବେଳେ ଟିଟିଲାଗଡ଼ଠାରେ ଦୀର୍ଘ ଦଶନ୍ଧି ଧରି କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ନହେବା ନେଇ ପ୍ରଶ୍ନ କରିଥିଲେ। ଆଗତୁରା ଭାଷଣ ସାରି ମନ୍ତ୍ରୀ ସଭାସ୍ଥଳ ଛାଡି ଚାଲି ଯାଇଥିଲେ। ଏହା ପରେ ଏମ୍‌ପି ସିଂଦେଓ ତାଙ୍କ ବକ୍ତବ୍ୟରେ କେନ୍ଦ୍ରର ଆୟୁଷ୍ମାନ ଯୋଜନା ଏବଂ ପିଏମଶ୍ରୀ ଯୋଜନାକୁ ରାଜ୍ୟ ସରକାର ଲାଗୁ କରି ନ ଥିବାରୁ ରାଜ୍ୟ ସରକାରଙ୍କ ଉପରେ ବାର୍ଷିଥିଲେ। ଅନ୍ୟପକ୍ଷରେ ପାଟଣାଗଡ଼ ଏବଂ ଟିଟିଲାଗଡ଼ରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସେ ଶିକ୍ଷାମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କୁ କହି ସାରିଥିବା କହିଥିଲେ। ତେବେ ଟିଟିଲାଗଡ଼ରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ଅନୁରୋଧ କ୍ରମେ ଗତ ଡିସେମ୍ବର ୨୦୨୦ରୁ ରାଜ୍ୟ ସରକାର ଟିଟିଲାଗଡ଼ ଧଳେଶ୍ୱର ହାଇସ୍କୁଲ କୋଠା ପ୍ରଦାନ କରିବା ନେଇ ପତ୍ର ଦ୍ୱାରା ଜଣାଇ ସାରିଛନ୍ତି। ଏଭଳି ସ୍ଥଳେ କାହିଁକି ବିଦ୍ୟାଳୟ ଖୋଲୁନି ସେ ନେଇ ସିଂଦେଓ କୌଣସି ସ୍ପଷ୍ଟ ଉତ୍ତର ଦେଇ ପାରି ନ ଥିଲେ। ସଭାରେ ପୌରାଧ୍ୟକ୍ଷା ଜୈନ ଟିଟିଲାଗଡ଼ ଉପଖଣ୍ଡ ମୁଖ୍ୟ ସରକାରୀ ଡାକ୍ତରଖାନାରେ ଡାକ୍ତର ଅଭାବ ପ୍ରସଙ୍ଗ ଉଠାଇଥିଲେ। ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଗୁରୁ କରୋନା ଫେରିଥିବା ନେଇ ସତର୍କ କରାଇଥିଲେ। ସଭାରେ ପୌର ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ, ଉପାଧ୍ୟକ୍ଷା ପୁଷ୍ପମଞ୍ଜରୀ ଜାଲ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି, ଉପଖଣ୍ଡ ସୱାସ୍ଥ୍ୟ ଅଧିକାରୀ ପ୍ରଦୀପ ନାୟକ, ପ୍ରେମ ଜୈନ, ମହେନ୍ଦ୍ର ଠାକୁର, ମୁକେଶ ଜୈନ, ଆଲୋକ ନାୟକ, ସୁନ୍ଦର ଶର୍ମା, ବିପିନ ଠାକୁର, ହେମେନ୍ଦ୍ର ହାଁସଦା, ନିରଜ ମରୋଡ଼ିଆ, ଆଶିଷ କମାନୀ ପ୍ରମୁଖ ଉପସ୍ଥିତ ଥିଲେ।

■କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପ୍ରସଙ୍ଗ ଉଠାଇଲେ ମନ୍ତ୍ରୀ

■ଶିକ୍ଷାମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କୁ କହିଥିବା କହିଲେ ଏମ୍‌ପି



ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ଟୁକୁନୀ ସାହୁ, ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଏବଂ ଅନ୍ୟମାନେ।

## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଜବତ, ହତ୍ୟା ଅଭିଯୋଗ

ବରପାଲି,୯।୪(ଡି.ଏନ.ଏ.) : ବରପାଲି ଥାନା ଅଧୀନ ପୁଟୁରୁପାଲି ଗ୍ରାମରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ ସଞ୍ଜୀବ ଭୁଏ (୩୧)। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୁଟୁରୁପାଲି ଗ୍ରାମର ସଞ୍ଜୀବ ଶନିବାର ଅପରାହ୍ନ ପ୍ରାୟ ସାଢେ ୧ଟା ସମୟରେ ନିକଟସ୍ଥ କେନାଲକୁ ଗାଧୋଇବା ପାଇଁ ଯାଇଥିଲେ। ବହୁସମୟ ଧରି ନ ଫେରିବାରୁ ଘର ଲୋକେ ତାଙ୍କୁ ଖୋଜାଖୋଜି କରି କୁମ୍ଭାରି ମାଇନର କେନାଲରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ଦେଖିଥିଲେ। ମୃତକଙ୍କ ଦେହରେ ବସ୍ତ୍ର ନ ଥିବା ବେଳେ ଶରୀରର ମୁଣ୍ଡ ଏବଂ ଅନ୍ୟ ସ୍ଥାନରେ ଆଘାତ ଲାଗି ରକ୍ତସ୍ରାବ ହେଉଥିଲା। ଏ ନେଇ ମୃତକଙ୍କ କାକାପୁଅ ଭାଇ ରୋହିତ ବରପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ଏହି ଘଟଣାକୁ ନେଇ ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ ବୋଲି ବରପାଲି ଥାନା ଆଇଆଇସି ସୁଜାତାଲତା ସେଠୀ କହିଛନ୍ତି।

### ସମବାୟ ସମିତି ଗଠନ ପୂର୍ବରୁ କେଁ, ନିବନ୍ଧକଙ୍କୁ ପତ୍ର ଲେଖିଲେ

ବିନିକା, ୯।୪(ଡି.ଏନ.ଏ.) : ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ଭଣ୍ଡାର ପଞ୍ଚାୟତରେ ନୂତନ କରି ପ୍ରାଥମିକ କୃଷି ସେବା ସମବାୟ ସମିତି ପ୍ରତିଷ୍ଠା ହେବାକୁ ଯାଉଛି। ଗ୍ରାମାଞ୍ଚଳରେ କୃଷି ଓ କୃଷକର ଅଭିବୃଦ୍ଧିରେ ଏହା ସହାୟକ ହେବ ବୋଲି ଅଞ୍ଚଳବାସୀ ଆଶାପୋଷଣ କରୁଛନ୍ତି। ହେଲେ ବିଧିବଦ୍ଧ ସମିତି ଗଠନ ପୂର୍ବରୁ କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ମନମୁଖୀଭାବେ ନଥିପତ୍ର ପ୍ରସ୍ତୁତ କରି ଇଚ୍ଛା ମୁତାବକ ସଭ୍ୟ ସଂଗ୍ରହ, ସଭାପତି ଓ ସମ୍ପାଦକ ଚୟନ କରିଦେଇଥିବା କେତେକ ବ୍ୟକ୍ତି ଅଭିଯୋଗ କରିଛନ୍ତି। ଏ ନେଇ ସେମାନେ ଶନିବାର ଏକ ଦାବିପତ୍ର ରାଜ୍ୟ ସେବା ସମବାୟ ନିବନ୍ଧକଙ୍କ ନିକଟକୁ ପଠାଇଛନ୍ତି। ଏହାର ନକଲ ଉପନିବନ୍ଧକ ସେବା ସମବାୟ ସମିତି ବଲାଙ୍ଗୀର, ସୁବର୍ଣ୍ଣପୁର ଜଳାପାଳ, ଅତିରିକ୍ତ ନିବନ୍ଧକ ସୁବର୍ଣ୍ଣପୁର, ୫ଟି ସଚିବ ଓଡ଼ିଶା ସରକାର, ବୀରମହାରାଜପୁର ବିଧାୟକ, ସମବାୟ ମନ୍ତ୍ରୀ ଓଡ଼ିଶା ସରକାରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇଛି । ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ,ଭଣ୍ଡାର ପଞ୍ଚାୟତରେ ୭ହଜାରରୁ ଅଧିକ ଲୋକ ବାସ କରୁଛନ୍ତି। ଲୋକଙ୍କ ମୁଖ୍ୟ ଜୀବିକା ହେଉଛି ଚାଷ । ନୂତନ ସେବା ସମବାୟ ସମିତି ପ୍ରତିଷ୍ଠା ନେଇ ଯେଉଁ ବିଜ୍ଞପ୍ତି ପ୍ରକାଶ ପାଇଛି ସେ ବାବଦରେ ସାରା ପଞ୍ଚାୟତ ବାସୀ ଅବଗତ ନୁହନ୍ତି। କାରଣ ସମବାୟ ଖୋଲିବା ନେଇ ଅଦ୍ୟାବଧି ପଞ୍ଚାୟତର କୌଣସି ଗ୍ରାମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଦିଆଯାଇନାହିଁ କି ସଭ୍ୟ ହେବା ପାଇଁ ସୁଯୋଗ ଦିଆଯାଉନାହିଁ। ସେହିପରି ଗ୍ରାମସଭା ଅଥବା ସାଧାରଣସଭା ମଧ୍ୟ ହୋଇନାହିଁ। କେତେକ ବ୍ୟକ୍ତି ନିଜର ସ୍ୱାର୍ଥ ହାସଲ ପାଇଁ ସାଧାରଣ ଲୋକଙ୍କ ଅଜ୍ଞାତରେ ଇଚ୍ଛା ମୁତାବକ ସଭ୍ୟ ସଂଗ୍ରହ ଏପରିକି ଭିତିରିଆ ସଭାପତି ଓ ସମ୍ପାଦକ ଚୟନ କରିଦେଇଥିବା ଅଭିଯୋଗ କରିଛନ୍ତି। ଏଥିରେ ହସ୍ତକ୍ଷେପ କରି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ସମସ୍ତଙ୍କ ଜାଣତରେ ସମିତି ଗଠନ ସହ ସଭ୍ୟ ସଂଗ୍ରହ କରିବାକୁ ଦାବି କରାଯାଇଛି।

# ‘ରାମଙ୍କ ଶରଣରେ ବିଭୀଷଣ’ ମଞ୍ଚସ୍ଥ

## ଗଣ୍ଡତୁରୁମରେ ରାମଲୀଳା

ଭେଡ଼େନ,୯।୪(ଡି.ଏନ.ଏ)

ବରଗଡ଼ ଜିଲା ଭେଡ଼େନ ବ୍ଲକ ମହୁଲପାଲି ପଞ୍ଚାୟତ ଅନ୍ତର୍ଗତ ଗଣ୍ଡତୁରୁମ ଗ୍ରାମର ଗଣପର୍ବ ରାମଲୀଳାର ଶନିବାର ଥିଲା ନବମ ଦିବସ। ନାଟ୍ୟାଭିନୟରେ ହନୁମାନଙ୍କଠାରୁ ସୀତାଙ୍କ ବାର୍ତ୍ତା ଏବଂ ମଥାମଣି ଦେଖି ରାମଚନ୍ଦ୍ର ଶୋକ ପ୍ରକାଶ କରିଛନ୍ତି। ଏହାପରେ ସମସ୍ତ କପି ସୈନ୍ୟ ଲଙ୍କାଭିମୁଖେ ଯାତ୍ରା କରିଛନ୍ତି। ସପ୍ତ ସମୁଦ୍ରରେ ନଳ ନୀଳଙ୍କ ହସ୍ତରେ ସେତୁବନ୍ଧ ବନ୍ଧାଯୋଇଛି। ଏହାର ପ୍ରତିଷ୍ଠା ପାଇଁ ରାବଣଙ୍କୁ ଆମନ୍ତ୍ରିତ କରିଛନ୍ତି ରାମଚନ୍ଦ୍ର। ଲଙ୍କା ନଗରୀରେ ପହଞ୍ଚିବା ପରେ ସୈନ୍ୟ ଛାଉଣୀ କରି ଯୁଦ୍ଧ ପାଇଁ ଯୋଜନା ପ୍ରସ୍ତୁତି ହୋଇଛି। ଅନ୍ୟପଟେ ରାବଣ ଭୀତସ୍ତ୍ରସ୍ତ ହୋଇ ରାଜସଭା ଆୟୋଜନ କରିଛି। ରାମ ସ୍ୱୟଂ ନାରାୟଣ ଏବଂ ତାଙ୍କ ସହ ଶତ୍ରୁତା ନ କରି ସୀତାଙ୍କୁ ଫେରାଇ ଦେଇ ଶରଣ ପଶିବାକୁ ବିଭୀଷଣ ବଡ଼ଭାଇ ରାବଣଙ୍କୁ ପରାମର୍ଶ ଦେଇଛନ୍ତି। ଏଥିରେ କ୍ରୋଧାନ୍ୱିତ ହୋଇ ରାବଣ ବିଭୀଷଣଙ୍କୁ ଲଙ୍କାରୁ ବିତାଡିତ କରିଛି। ବିଭୀଷଣ ନିଜ ପୁତ୍ର ତରଣୀସେନ ଓ ପତ୍ନୀ ସରମାଙ୍କୁ ଛାଡ଼ି ରାମଙ୍କ ଶରଣାପନ୍ନ ହୋଇଛନ୍ତି। ଇତିମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଛି। ରାବଣର ମହାପରାକ୍ରମୀ ପୁତ୍ର ଇନ୍ଦ୍ରଜିତ ଯୁଦ୍ଧକୁ ଯାଇ ରାମଲକ୍ଷ୍ମଣଙ୍କୁ ନାଗ ଫାଶରେ ବନ୍ଧନ କରିଛି। ରାମ ଜଟାୟୁଙ୍କୁ ସ୍ମରଣ କରି ନାଗଫାଶରୁ ମୁକ୍ତି ପାଇଛନ୍ତି। ପରେ ରାବଣ ଅନନ୍ୟୋପାୟ ହୋଇ ସୁପ୍ତ କୁମ୍ଭକର୍ଣ୍ଣଙ୍କୁ ନିଦ୍ରାରୁ ଜାଗ୍ରତ କରିବାକୁ ସୈନ୍ୟ ପ୍ରେରଣ ଆଦି ଦୃଶ୍ୟ ଅଭିନୀତ ହୋଇଥିଲା। ଏହାକୁ ଉପଭୋଗ କରିବାକୁ ପ୍ରବଳ ଜନସମାଗମ ହୋଇଥିଲା।


ରାଜ୍ୟ ତ୍ୟାଗ କରିବା ପୂର୍ବରୁ ବିଭୀଷଣ ପତ୍ନୀ ଓ ପୁତ୍ର ସହ ଶୋକ ପ୍ରକାଶ କରୁଛନ୍ତି।

# ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବରେ ଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

ଡୁଙ୍ଗୁରିପାଲି, ୯।୪(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ବିଦ୍ୟାମନ୍ଦିର ପରିସରରେ ପାଳିତ ହୋଇଯାଇଛି। ଶିଶୁ ମନ୍ଦିର ପରିଚାଳନା ସମିତି ସଭାପତି ଡାକ୍ତର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବଲାଙ୍ଗୀର ଯୁବୋଦୟ ମହାବିଦ୍ୟାଳୟ ନିର୍ଦ୍ଦେଶକ ଅମ୍ବରେଶ ଦାଶ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ମହେନ୍ଦ୍ର ନାଏକ ବାର୍ଷିକ ବିବରଣୀ ପାଠନ କରିଥିଲେ। ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ତପନ ଯୁଆଡ଼ି ଓ ସୋନପୁର ନ୍ୟାୟାଳୟର ମୁଖ୍ୟବକ୍ତା ପ୍ରଦୀପ କୁମାର ପୁରୋହିତ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଶିକ୍ଷାର ବିକାଶ ଉପରେ ଆଲୋକପାତ କରିଥିଲେ। ଗତବର୍ଷ ମାଟ୍ରିକ ବୋର୍ଡ ପରୀକ୍ଷାରେ ଏ ୱାନ ପାଇଥିବା ଛାତ୍ରୀଛାତ୍ର, ରାଜ୍ୟସ୍ତରୀୟ କ୍ରୀଡା, ଜ୍ଞାନ ବିଜ୍ଞାନ ମେଳାର କୃତୀ ପ୍ରତିଯୋଗୀ, ସରକାରୀ ବୃତ୍ତି ଓ ନବୋଦୟ ପରୀକ୍ଷାରେ କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନାରେ ଗୁରୁମା ଦେମକାନ୍ତି ରଣା ଓ ବ୍ରଜରାଣୀ ବିଶ୍ୱାଳ ସହଯୋଗ କରିଥିଲେ।

# ଆମ୍ବେଦ୍‌କର ଜୟନ୍ତୀରେ ପ୍ରତିଯୋଗିତା


ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର ।

ବରଗଡ଼ ଅଫିସ୍,୯।୪

ଭାରତରତ୍ନ ଡଃ ଆମ୍ବେଡ଼କର ଜୟନ୍ତୀ ପାଳନ ଅବସରରେ ରବିବାର ବରଗଡ଼ରେ ଚିତ୍ରାଙ୍କନ, ପ୍ରବନ୍ଧ ଏବଂ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆମ୍ବେଡ଼କରଙ୍କ ଜୀବନୀ, ସାମାଜିକ ବିଚାରଧାରା ଏବଂ ଆଧୁନିକ ଭାରତ ନିର୍ମାଣରେ ଅବଦାନ ପ୍ରତିଯୋଗିତାର ଶୀର୍ଷକ ରହିଥିଲା। ସ୍ଥାନୀୟ ନିଶାମଣି ସ୍କୁଲରେ ବରଗଡ଼ ଜିଲା ବହୁଜନ କର୍ମଚାରୀ ସଙ୍ଗଠନ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ ପ୍ରତିଯୋଗିତାରେ ଜିଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସଙ୍ଗଠନ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଛାତ୍ରୀଛାତ୍ରମାନେ ଆମ୍ବେଡ଼କରଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ଏବଂ ପ୍ରଦୀପ ପ୍ରଜ୍ୱଳନ ପରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ବରିଷ୍ଠ ସଦସ୍ୟ ଗଙ୍ଗାଧର ବିଭାର, ବିକ୍ରମ କୁମାର ଛତର, ପ୍ରଫୁଲ୍ଲ କୁମାର ଭୋଇ ପ୍ରମୁଖ ଡଃ ଆମ୍ବେଡ଼କରଙ୍କ ଜୀବନୀ, ସମାଜ କଲ୍ୟାଣ ବିଚାରଧାରା, ଆଧୁନିକ ଭାରତ ନିର୍ମାଣରେ ତାଙ୍କ ଅବଦାନ ଉପରେ ସଂକ୍ଷିପ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ। ଡଃ ନୀଳିମା ମେହେର, ଅଧ୍ୟାପକ ତ୍ରିନାଥ ନାଗ, ବ୍ୟାଙ୍କ ଅଧିକାରୀ ବାବୁଲୁ ବିଭାର, ବରିଷ୍ଠ ସହାୟକ ନନ୍ଦକିଶୋର ବେହେରା, ଶିକ୍ଷକ ରାହାସ ଛୁରିଆ, ଶିକ୍ଷକ ଜୟସିଂ ମହାନନ୍ଦ, ଚୂଡ଼ାମଣି ମୁଗ୍ରୀ, ମନବୋଧ ଲୁହୁରା, ସଞ୍ଜୀବ ସୁନା ପ୍ରମୁଖ ବିଚାରକ, ପ୍ରଶିକ୍ଷକ ଭାବେ ଯୋଗଦାନ କରିଥିଲେ। ପ୍ରଥମ ବର୍ଗରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ, ଦ୍ୱିତୀୟ ବର୍ଗରେ ନବମ ଓ ଦଶମ ଶ୍ରେଣୀ, ତୃତୀୟ ବର୍ଗରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରମାନେ ପ୍ରସଙ୍ଗ ଭିତ୍ତିକ ପ୍ରବନ୍ଧ ଓ ବକ୍ତୃତା ଓଡ଼ିଆ, ଇଂରାଜୀ, ହିନ୍ଦୀ ଭାଷାରେ ପରିପ୍ରକାଶ କରିଥିଲେ। ଶିକ୍ଷକ ମୁକୁନ୍ଦ ମହାନନ୍ଦ, ଆମ୍ବେଡ଼କର ଯୁବାସଂଘର ଯୁବଗୋଷ୍ଠୀ ସହଯୋଗ କରିଥିଲେ। ଆସନ୍ତା ୧୬ତାରିଖରେ ବିଜୁ ପଟ୍ଟନାୟକ ଟାଉନ ହଲରେ ହେବାକୁ ଥିବା ଜିଲାସ୍ତରୀୟ ଆମ୍ବେଡ଼କର ଜୟନ୍ତୀ ସମାରୋହରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି।

## ପଦ୍ମପୁର ଉପଖଣ୍ଡ ସାମ୍ବାଦିକ ସଂଘର ନୂଆ କର୍ମକର୍ତ୍ତା

ପାଇକମାଳ,୯।୪(ଡି.ଏନ.ଏ.)

ବରଗଡ ଜିଲା ପଦ୍ମପୁର ଉପଖଣ୍ଡ ସାମ୍ବାଦିକ ସଂଘର ସାଧାରଣ ସଭା ନୃସିଂହନାଥ ବିନ୍ଧ୍ୟବାସିନୀ ଯାତ୍ରୀ ନିବାସରେ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ସଭାପତି ଲାଲ ବିହାରୀ ମିଶ୍ର ସଭାପତିତ୍ୱ କରିଥିଲେ। ନୃସିଂହନାଥ ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ମୁଖ୍ୟ ଅତିଥି ଭାବେ ସଭାକୁ ଉଦ୍‌ଘାଟନ କରିଥିଲେ। ପରେ ଦିବଂଗତ ସାମ୍ବାଦିକଙ୍କୁ ଶ୍ରଦ୍ଧାଞ୍ଜଳି ପୂର୍ବକ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସଭାରେ ସାମ୍ବାଦିକ ଭବନ ନିର୍ମାଣ ଓ ସଙ୍ଗଠନର ସୁଦୃଢ଼ୀକରଣ ଏବଂ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତି କ୍ରମେ ସଭାପତି ଭାବେ ବଡ ଶତପଥି, ଉପ ସଭାପତି ସତ୍ୟଜିତ ପ୍ରଧାନ, ସମ୍ପାଦକ ରମେଶ ବାରିକ, ସହ ସମ୍ପାଦକ ଗୌରାଙ୍ଗ ଚରଣ ଦାସ, କୋଷାଧ୍ୟକ୍ଷ ସୁରଥ କୁମାର ସାହୁ ମନୋନିତ ହୋଇଥିଲେ। ସେହିପରି ଉପଦେଷ୍ଟା ମଣ୍ଡଳୀରେ ୩ଜଣ ଏବଂ କାର୍ଯ୍ୟକାରୀ କମିଟିରେ ୮ଜଣ ରହିଛନ୍ତି।

## ରାବଣ ପୋଡି ଉତ୍ସବ

ବାଉଁଶୁଣୀ,୯।୪(ଡି.ଏନ.ଏ.)

ବୌଦ୍ଧ ବ୍ଲକ ରକ୍ସା ଗ୍ରାମରେ ଶ୍ରୀ ଶ୍ରୀ ରଘୁନାଥ ନାଟ୍ୟ ସଂସଦ ଦ୍ୱାରା ଅନୁଷ୍ଠିତ ନାଟକ ୭୮ ବର୍ଷରେ ପଦାର୍ପଣ କରିଛି । ଚଳିତବର୍ଷ ରାମାୟଣ ନାଟକର ଶେଷ ଦିନରେ ରାବଣ ବଧ ସହିତ ରାବଣ ପୋଡି ଉତ୍ସବ ବେଶ ଧୁମଧାମରେ ପାଳିତ ହୋଇଛି। ରାବଣ ପୋଡ଼ି ଉତ୍ସବ ଉପଲକ୍ଷେ ଗ୍ରାମରେ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ରବିବାର ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ବକ୍ତାମାନେ ଯୋଗଦେଇ ରାମାୟଣ ଚରିତ ଉପରେ ବକ୍ତବ୍ୟ ରଖିଥିଲେ। ପ୍ରଭୁ ରାମଚନ୍ଦ୍ର ଓ ମାତା ସୀତାଙ୍କ ବିବାହରେ ମାତା ପିତା ଭୂମିକା ତୁଲାଇଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ କହ୍ନାଇ ଚରଣ ଡାଙ୍ଗ, ପୂର୍ବତନ ରାଜ୍ୟ ବୟନିକା ସଭାପତି ଶେଷକୁମାର ମେହେର, ବୌଦ୍ଧ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ୪ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ଇଂ ରାକେଶ ତ୍ରିପାଠୀ, ସରପଞ୍ଚ ବିଭୂତି ଭୂଷଣ ଡାଙ୍ଗ, ସମିତିସଭ୍ୟ ଦଳଗଞ୍ଜନ ବେହେରା, ପାରାୟଣ ଗାୟିକା ବନ୍ଦିତା ନାଏକ, ଆଶିଷ ଦାଶ, ବିଶ୍ୱ ହିନ୍ଦୁ ପରିଷଦ ଜିଲା ସଂପାଦକ ପ୍ରେମାନନ୍ଦ ମିଶ୍ର ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ପରମେଶ୍ୱର ମେହେର, ଗ୍ରାମ ସଭାପତି ରାଧେଶ୍ୟାମ ମେହେର, ରାଜେନ୍ଦ୍ର ମେହେର, ଗୋଲେଖ ମେହେର ମଞ୍ଚ ପରିଚାଳନା କରିଥିଲେ ।

# କୈବର୍ତ୍ତ ସମାଜର ବାର୍ଷିକ ସମ୍ମିଳନୀ


ଅତିଥିଙ୍କ ଗହଣରେ କୈବର୍ତ୍ତ ସମାଜର ପ୍ରତିନିଧିବୃନ୍ଦ ।

ବରଗଡ଼ ଅଫିସ୍,୯।୪

ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୧୫ ଗୋବିନ୍ଦପାଲି କଲ୍ୟାଣ ମଣ୍ଡପରେ ବ୍ଲକସ୍ତରୀୟ କୋଡ଼ିଏ ଘରିଆ କୈବର୍ତ୍ତ ସମାଜର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଭାପତି ପୁରନ୍ଦର ସେଠଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଆରମ୍ଭରେ କୈବର୍ତ୍ତ ସମାଜର ଆରାଧ୍ୟ । ଦେବୀ ଆସେଲୀ, ବାସେଲୀ ଏବଂ ବୁଢ଼ୀମା’ ସମଲେଇଙ୍କ ପୂଜାର୍ଚ୍ଚନା ହୋଇଥିଲା। ପରେ ସମାଜର ଉନ୍ନତି ତଥା ସୁଦୃଢ଼ତା ନେଇ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ସାଧୁ ନେପାକ, ପୌରାଧ୍ୟକ୍ଷା କଳ୍ପନା ମାଝି ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। କୈବର୍ତ୍ତ ସମାଜ ଜିଲା ସଭାପତି ଶରତ ଚନ୍ଦ୍ର ପାଣ୍ଡେ, କାର୍ଯ୍ୟକାର ସଭାପତି ଦେବାର୍ଚ୍ଚନ ନାଏକ, ଜିଲା ସମ୍ପାଦକ ଲାଲ ସାହେବ ସେଟ୍, ସମୀକ୍ଷକ ବିକ୍ରମ ବିଶି, ଜିଲା ଉପସଭାପତି ତେଜରାଜ ନାୟକ, ବରଗଡ଼ ବ୍ଲକ ସମ୍ପାଦକ ରବୀନ୍ଦ୍ର ପାଣ୍ଡେ ଏବଂ ସମାଜର ପଞ୍ଚାୟତ ପ୍ରତିନିଧିବୃନ୍ଦ ଉପସ୍ଥିତ ଥିଲେ ।

# ବରଗଡ଼ ଜିଲା ତୈଳିକ ବୈଶ୍ୟ ସମାଜ ମହାସଭା

ପାଇକମାଳ,୯।୪(ଡି.ଏନ.ଏ.)



ମହାସଭାରେ ମଞ୍ଚାସୀନ ଅତିଥିଗଣ।

ପାଇକମାଳ ବ୍ଲକ ନୃସିଂହନାଥରେ ବରଗଡ଼ ଜିଲା ତୈଳିକ ବୈଶ୍ୟ ସମାଜର ପଞ୍ଚମ ମହାସଭା ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନ ବରଗଡ଼ ଜିଲା ସଭାପତି ମନୋରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବଲାଙ୍ଗୀର ଜିଲା ସଭାପତି ଉମାକାନ୍ତ ସାହୁ, କଳାହାଣ୍ଡି ଜିଲା ସଭାପତି ଅରକ୍ଷିତ ସାହୁ, ବିଦ୍ୟାଧର ସାହୁ, ଗୋବିନ୍ଦ ସାହୁ, ପ୍ରସନ୍ନ ସାହୁ, ଡୋଲେଶ୍ୱର ସାହୁ, ନମିତା ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଦ୍ୱିତୀୟ ଦିବସରେ ବରଗଡ଼ ଏମ୍ପି ସୁରେଶ ପୂଜାରୀ ମୁଖ୍ୟ ଅତିଥି, ଭଟଲି ବିଧାୟକ ସୁଶାନ୍ତ ସିଂ, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ସୁରେଶ୍ୱର ଶତପଥି, ଦେବରାଜ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମହାସଭାରେ ବରଗଡ଼ ଜିଲାର ହଜାର ହଜାର ମହିଳାପୁରୁଷ ଅଂଶଗ୍ରହଣ କରିଥିଲେ। ତୈଳିକ ବୈଶ୍ୟ ସାହୁ ସମାଜର ସାମ୍ବିଧାନିକ ବିଷୟବସ୍ତୁ ଓ ନିୟମାବଳୀ ଆଲୋଚନା କରି ଆବଶ୍ୟକତା ଦୃଷ୍ଟିରୁ କେତେକ ନିୟମ ପରିବର୍ତ୍ତନ କରାଯାଇଥିଲା। ସଭାରେ ବୟୋଜ୍ୟେଷ୍ଠ ବ୍ୟକ୍ତି, କୌଳିକ ବୃତ୍ତିଧାରୀ ବ୍ୟକ୍ତି, ଅବସରପ୍ରାପ୍ତ ସୈନିକ ଓ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ଭିକାରି ଚରଣ ସାହୁ ସଭାପତି, ମାର୍କଣ୍ଡ ସାହା, ଯଶୋବନ୍ତ ସାହୁ ଓ ସ୍ୱର୍ଣ୍ଣକାନ୍ତୀ ସାହୁ ଉପସଭାପତି, ଡ. ଭକ୍ତ ଚରଣ ସାହୁ ସମ୍ପାଦକ, ଡ. ବିରଞ୍ଚି ସାହୁ ଯୁଗ୍ମ ସମ୍ପାଦକ, ରାଜେନ୍ଦ୍ର ସାହୁ କୋଷାଧ୍ୟକ୍ଷ ଭାବେ ମନୋନିତ କରାଯାଇଥିଲା। ସେହିପରି ଆଇନଜ୍ଞ ଭାବେ ରାଜ କିଶୋର ସାହୁଙ୍କୁ ଚୟନ କରାଯାଇଥିଲା । ପରମେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ନବୋଦୟ ସ୍କୁଲରେ ଦୌଡ଼ ପ୍ରତିଯୋଗିତା


ପ୍ରତିଯୋଗୀମାନେ ଦୌଡ଼ିବା ପାଇଁ ବାହାରିଛନ୍ତି।

ପାଇକମାଳ,୯।୪(ଡି.ଏନ.ଏ.)

ବରଗଡ ଜିଲା ପାଇକମାଳ ନବୋଦୟ ବିଦ୍ୟାଳୟରେ ରବିବାର ସକାଳେ ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ୭୫ଜଣ ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିଲେ। ଅଧ୍ୟକ୍ଷ ସରୋଜ କୁମାର ତ୍ରିପାଠୀଙ୍କ ନିର୍ଦ୍ଦେଶନା ଓ ଖେଳ ଶିକ୍ଷକ ଗିରିଶ ଚନ୍ଦ୍ର ବେହେରା ଓ ଖେଳ ଶିକ୍ଷିକା ଗୀତାଞ୍ଜଳି ପଟେଲଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗୀମାନେ ବିଦ୍ୟାଳୟର ମୁଖ୍ୟ ଫାଟକ ନିକଟରୁ ବାହାରି ଶକ୍ତିନଗର ଗ୍ରାମ ଚତୁଃପାର୍ଶ୍ୱରେ ଧାଇଁଥିଲେ। ପୁଣି ସେମାନେ ବିଦ୍ୟାଳୟ ମୁଖ୍ୟ ଫାଟକ ନିକଟରେ ପହଞ୍ଚିଥିଲେ। ଶିକ୍ଷକ ଜଗଦୀଶ ପାତ୍ର, ମନୋରଞ୍ଜନ ପାଢ଼ୀ, ସୁବାଷ ଚନ୍ଦ୍ର ଭାରତୀ, ଓମ୍ ପ୍ରକାଶ ଶୁକ୍ଳା, ବିଜୟ କୁମାର ଦ୍ୱିବେଦୀ ଓ ଶିକ୍ଷୟିତ୍ରୀ ସୁଷମା କାନ୍ତା ଲାକ୍ରା ସହଯୋଗ କରିଥିଲେ।

# ବିଶ୍ୱ ସ୍ୱପରାୟଣତା ଦିବସ ପାଳିତ

ସୋନପୁର,୯।୪((ନି.ପ୍ର)


ବିଶ୍ୱ ସ୍ୱପରାୟଣତା ଦିବସ ସଭାରେ ଉପସ୍ଥିତ ଅଭିଭାବକ।

ବିଶ୍ୱ ସ ପରାୟଣତା ଦିବସ ରେଆର ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସୋନପୁର ଗୋକରନେଶ୍ୱରପଡାସ୍ଥିତ ଡେ କେୟାର ଥେରାପି କେନ୍ଦ୍ରଠାରେ ରବିବାର ପାଳିତ ହୋଇଯାଇଛି। ବିନିକା ତହସିଲଦାର ମୁକ୍ତେଶର ପାଣିଗ୍ରାହୀ ମୁଖ୍ୟ ଅତିଥି, ତରଭା ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର କର୍ଣ୍ଣ ସମ୍ମାନିତ ଅତିଥି ଓ ରେଆର ଉପ ସଭାପତି ପଦ୍ମିନୀ ବକ୍ସି ଯୋଗଦେଇ ଦିବ୍ୟାଙ୍ଗ ଶିଶୁମାନଙ୍କୁ ସରକାର ଯୋଗାଇ ଦେଉଥିବା ସୁବିଧା ସୁଯୋଗ ବିଷୟରେ ଆଲୋଚନା କରିଥିଲେ। ଚନ୍ଦ୍ର ଶେଖର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଭୌତିକ ଚିକିତ୍ସକ ସୋମନାଥ ସାହୁ ଓ ସ୍ୱାଗତିକା ଭୋଇ ସ୍ୱପରାୟଣ ଶିଶୁଙ୍କ ଆଦ୍ୟ ଚିହ୍ନଟୀକରଣ, ଲକ୍ଷଣ ଓ ସେମାନଙ୍କ ଦକ୍ଷତା ତଥା ପୁନଃ ଥଇଥାନ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ମୋଟ ୪୫ଜଣ ଶିଶୁ ଓ ସେମାନଙ୍କ ଅଭିଭାବକ ଯୋଗଦେଇଥିଲେ। ଶେଷରେ ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ଅନଷ୍ଠିତ ହୋଇଥିଲା। ରେଆର ସାଧାରଣ ସମ୍ପାଦକ ଅନଙ୍ଗ ନେଗୀ ସଭାକୁ ସଂଯୋଜନା କରିଥିଲେ। ଭୁବନ ଲାଲ ସତନାମୀ ଧନ୍ୟବାଦ ଅର୍ପଣ କରିଥିଲେ। ଡେ କେୟାର ଥେରାପି କେନ୍ଦ୍ରର ଅଞ୍ଜନା ରଣା, ରସ୍ମିତା ବାରିକି, ସଞ୍ଜୁ ମେହେର, ଶବ୍ୟାରାଣି ଜଗଦଲା, ଝିମି ପଧାନ ଓ ଆନନ୍ଦିନୀ ଷାଣ୍ଢ ପ୍ରମୁଖ ସହଯୋଗ କରିଥିଲେ।

# ପରିବେଶ ସହ ଖାପଖୁଆଇ ଚଳନ୍ତୁ ଛାତ୍ରୀଛାତ୍ର

## ମଡେଲ ଡିଗ୍ରୀ କଲେଜରେ ଜି ୨୦ ଭାରତ ଆଲୋଚନାଚକ୍ର

ସୋନପୁର,୯।୪(ନି.ପ୍ର )


ବିଶିଷ୍ଟ ବ୍ୟକ୍ତିଙ୍କୁ ପୁରସ୍କୃତ କରାଯାଉଛି।

ସୋନପୁର ମଡେଲ ଡିଗ୍ରୀ କଲେଜ ଠାରେ ଜି ୨୦ ଭାରତ ସମ୍ପର୍କିତ ଏକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି । ମଡେଲ ଡିଗ୍ରୀ କଲେଜ ଅଧ୍ୟକ୍ଷ ଦେବାଶିଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ କିଟ ୟୁନିଭରସିଟି କୁଳପତି ସସ୍ମିତା ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ କିଟର ନିର୍ଦ୍ଦେଶକ ଜୟନ୍ତ କୁମାର ପରିଡା, ପ୍ରଫେସର ଅନିତା ପତି ଓ ପ୍ରଦତ ପ୍ରଧାନ ପ୍ରମୁଖ ଯୋଗଦେଇ ଜି ୨୦ର ଲକ୍ଷ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ନିଜର ସ୍ୱପ୍ନ କିଭଳି ବାସ୍ତବ ରୂପ ନେବ, ସମାଜରେ ନିଜସ୍ୱ ଉଦ୍ୟମରେ ଜଣେ କିଭଳି ଆଗକୁ ଯାଇ ପାରିବ ସେ ନେଇ ଅତିଥି ବୃନ୍ଦ ଆଲୋଚନା କରିଥିଲେ। ସେହିଭଳି ସବୁ ଥାଇ ବି କିଛି ନଥିଲା ପରି ପର ଉପରେ ନିର୍ଭରଶୀଳ ନହୋଇ କିଭଳି ଆଗକୁ ଯାଇ ପାରିବେ ଏବଂ ସମାଜର ପରିବେଶ ସହିତ ଖାପ ଖୁଆଇ ଚଳିବେ ସେ ନେଇ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯାଇଥିଲା। ଏହିଅବସରରେ ପ୍ରସିଦ୍ଧ ବାନ୍ଧଶିଳ୍ପୀ ପଦ୍ମଶ୍ରୀ ଚତୁର୍ଭୁଜ ମେହେର, ଯୁବ ସମାଜସେବୀ ନାରାୟଣ ଲୁହା, ପକ୍ଷୀପ୍ରେମୀ ଜୋତିରାଦିତ୍ୟ ପିନାକୀ ପଣ୍ଡା ଓ ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକଙ୍କୁ ମାନପତ୍ର, ଉପଢୌକନ ଦେଇ ପୁରସ୍କୃତ କରାଯାଇଥିଲା। ଆଲୋଚନାଚକ୍ରରେ ମଡେଲ ଡିଗ୍ରୀ କଲେଜର ଛାତ୍ରୀଛାତ୍ରଙ୍କ ସମେତ ସାହାରା ଟ୍ରଷ୍ଟ ହାଇସ୍କୁଲ, ପ୍ରଜ୍ଞାଭାରତୀ ହାଇସ୍କୁଲ, କୋସଲ ଆବାସିକ ହାଇସ୍କୁଲ ଓ ସାଇକୁପା ହାଇସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ ।

## ସଂକ୍ଷେପରେ

### ସ୍କୁଟି ଧକ୍କାରେ ଯୁବକଙ୍କ ମୃତ୍ୟୁ

ବଡ଼ଗାଁ, ୯।୪(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଲଟାପଡା ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ରାତି ସାଢ଼େ ଦଶଟାରେ ସ୍କୁଟି ଧକ୍କା ଦେବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଲଟାପଡ଼ାର ମଞ୍ଜର ଆଲମ (୩୫) ରାତିରେ ଖାଇପିଇ ରାମଲୀଳା ଯାତ୍ରା ଦେଖିବା ପାଇଁ ଚାଲିଚାଲି ଯାଉଥିବାବେଳେ ସ୍କୁଟି ଧକ୍କା ଦେଇ ଚାଲିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବଡ଼ଗାଁ ମେଡିକାଲ ଅଣାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସୁନ୍ଦରଗଡ ମେଡିକାଲକୁ ନିଆଯାଇଥିଲା। ସେଠାରୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଜଣେ ପରିଶ୍ରମୀ ଓ ମେଳାପି ଯୁବକ ଥିବାରୁ ଶୋକ ପ୍ରକାଶ ପାଇଛି।

### ଆକ୍ରମଣ କରି ମା' ଝିଅ ଗିରଫ

ରାଜଗାଙ୍ଗପୁର, ୯।୪(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ରୁମାବାହାଲ ଗ୍ରାମରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରି ମା' ଓ ଝିଅ ଗିରଫ ହୋଇ କୋର୍ଟ ଚାଲାଣ ହୋଇଛନ୍ତି। ରୁମାବାହାଲ ଗ୍ରାମର ଭଗବାନ ନାଏକ ସହିତ ତୁଳନା ବେହେରାଙ୍କ କୌଣସି କାରଣରୁ ପାଟିତୁଣ୍ଡ ହୋଇଥିଲା। ଏହି ସମୟରେ ତୁଳନା ଓ ତାଙ୍କ ଝିଅ ସାବିତ୍ରୀ ଦୁହେଁ ମିଶି ଭଗବାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଗୁରୁତର ଆହତ ହୋଇ ଭଗବାନ ରାଉରକେଲାର ଆର୍‌ଜିଏଚ୍‌କୁ ସ୍ଥାନାନ୍ତର ହୋଇଥିଲେ। ଏହି ଘଟଣାରେ ଲାଞ୍ଜିବେରନା ଫାଣ୍ଡି ଅଧିକାରୀ କାଶୀନାଥ ବାରିକ ମା' ଓ ଝିଅଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛନ୍ତି।

### ବାଇକ୍ ଦୁର୍ଘଟଣା, ୨ ଆହତ

ଲହୁଣୀପଡ଼ା, ୯।୪(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ଚମ୍ପାଝରଣ ନିକଟରେ ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ବାଇକ୍ ଆରୋହୀ ଦୁଇ ଆହତ ହୋଇ ଲହୁଣୀପଡା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡିଛି। ସୂଚନାରୁ ପ୍ରକାଶ ଯେ ସର୍ଗିଗଡ଼ ଗ୍ରାମର କ୍ରିଷ୍ଣା ମିଞ୍ଜ (୨୬) ଓ ଲାଠିକଟା ଗ୍ରାମର ମନୋଜ କୁଜୁର(୨୫) ଉଭୟ ଚାନ୍ଦିପୋଷ ପଟରୁ ଲାଠିକଟା ପଟେ ବାଇକ୍‌ରେ ଯାଉଥିବାବେଳେ ଚମ୍ପାଝରଣ ମନ୍ଦିର ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଫଳରେ ବାଇକ ଆରୋହୀ ଦୁଇ ଜଣ ଆହତ ହୋଇଥିଲେ। ଖବର ପାଇ ଚାନ୍ଦିପୋଷ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଦୁଇ ଜଣଙ୍କୁ ଚିକିତ୍ସା ପାଇଁ ଲହୁଣୀପଡା ଡାକ୍ତରଖାନାରେ ଭର୍ତ୍ତି କରାଇବା ସହ ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଛି।

### ବେକରେ ଫାଶୀ ଦେଇ ଯୁବକ ମୃତ

ରାଉରକେଲା ଅଫିସ,୯।୪: ଟାଙ୍ଗରପାଲି ଥାନା ଅନ୍ତର୍ଗତ ତଳବାଲଝୁଡି ଅଞ୍ଚଳରେ ଜଣେ ଯୁବକ ବେକରେ ତାର ବାନ୍ଧି ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ହେଲେ ସୁକରାମ ଭୂମିଜ(୩୫)। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୭।୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ସୂଚନା ଅନୁସାରେ, ରବିବାର ଅପରାହ୍ନ ସାଢ଼େ ୨ଟାରେ ପରିବାର ଲୋକେ କାଟନି ଛକକୁ ମାର୍କେଟିଂ କରିବାକୁ ଯାଉଥିବା ବେଳେ ସୁକରାମ ଆଜବେଷ୍ଟସ ଲୁହା ପାଇପ୍‌ରେ ତାର ବାନ୍ଧି ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ଘରକୁ ଫେରି ଝୁଲନ୍ତା ଅବସ୍ଥା ତାଙ୍କୁ ଦେଖି ତୁରନ୍ତ ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲା।

### ପୁଅର କାଠଫାଳିଆ ମାଡ଼ରେ ମା' ଗୁରୁତର

ରାଉରକେଲା ଅଫିସ,୯।୪ : ଝିରପାଣି ସ୍ଥିତ ଭାଟାବସ୍ତି ଅଞ୍ଚଳରେ ପୁଅର କାଠଫାଳିଆ ମାଡ଼ରେ ତାଙ୍କ ମା' ଗୁରୁତର ହୋଇଛନ୍ତି। ଏ ନେଇ ଝିରପାଣି ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୩୬।୨୩) ରୁଜୁ କରିବା ସହ ଅଭିଯୁକ୍ତ ପୁଅକୁ ଥାନାକୁ ଆଣି ନୋଟିସ ଦେଇ ଛାଡି ଦେଇଛି। ସୂଚନା ଅନୁସାରେ, ଝିରପାଣି ସ୍ଥିତ ଭାଟାବସ୍ତି ଅଞ୍ଚଳରେ ଭାମିଆ ତିଗା(୪୫) ବାସ କରନ୍ତି। ଶନିବାର ବିଳମ୍ବିତ ରାତିରେ ତାଙ୍କ ପୁଅ ମହାବୀର ତିଗା ମଦ୍ୟପାନ କରି ଘରକୁ ଆସିଥିଲେ। ଏହାକୁ ଭାମିଆ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ମହାବୀର ରାଗିଯାଇ ଭାମିଆଙ୍କ ମୁଣ୍ଡ ଓ ମୁହଁକୁ ଏକ କାଠଫାଳିଆରେ ପିଟିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପଡୋଶୀ ଲୋକେ ଉଦ୍ଧାର କରି ଆର୍‌ଜିଏଚରେ ଭର୍ତ୍ତି କରିଥିଲେ। ପରେ ମହିଳା ଜଣଙ୍କ ରବିବାର ଥାନାରେ ଏ ନେଇ ଅଭିଯୋଗ କରିଥିଲେ।

# ଅଲଟ୍ରାସାଉଣ୍ଡ ମେଶିନ ଅଚଳ, ଖର୍ଚ୍ଚାନ୍ତ ହେଉଛନ୍ତି ଗରିବ ରୋଗୀ

ରାଉରକେଲା ଅଫିସ,୯।୪

ରାଉରକେଲା ସରକାରୀ ହସ୍ପିଟାଲ(ଆର୍‌ଜିଏଚ୍)ରେ ୨ବର୍ଷ ହେଲା ଅଲଟ୍ରାସାଉଣ୍ଡ ମେଶିନ ଅଚଳ ହୋଇପଡିଛି। ଫଳରେ ଏହି ହସ୍ପିଟାଲ ଉପରେ ନିର୍ଭର କରୁଥିବା ସୁନ୍ଦରଗଡ ସମେତ ପଡୋଶୀ ଜିଲା ଓ ସୀମାନ୍ତ ଝାଡ଼ଖଣ୍ଡର ହଜାର ହଜାର ଗରିବ ରୋଗୀ ଖର୍ଚ୍ଚାନ୍ତ ହେଉଛନ୍ତି।

ଆର୍‌ଜିଏଚ୍‌ରେ କିଡ୍‌ନୀ, ଟ୍ୟୁମର ତଥା ବିଭିନ୍ନ ରୋଗର ପରୀକ୍ଷଣ ବିନା ମୂଲ୍ୟରେ କରିବା ସହ ଗରିବ ରୋଗୀମାନଙ୍କୁ ଅହେତୁକ ଖର୍ଚ୍ଚାନ୍ତରୁ ମୁକୁଳାଇବା ପାଇଁ ୨୦୦୦ ମସିହାରେ ଅଲଟ୍ରାସାଉଣ୍ଡ ମେଶିନ ସ୍ଥାପନ ହୋଇଥିଲା। ଇତିମଧ୍ୟରେ ୨ବର୍ଷ ବିତିଯାଇଥିଲେ ମଧ୍ୟ ଅଲଟ୍ରାସାଉଣ୍ଡ ମେଶିନ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇ ପାରିନାହିଁ। ଫଳରେ ଗରିବ ରୋଗୀମାନେ ବେସରକାରୀ କ୍ଲିନିକ୍‌ରେ ଅଲଟ୍ରାସାଉଣ୍ଡ ପରୀକ୍ଷା କରାଉଛନ୍ତି। ସେହିପରି ଅଲଟ୍ରାସାଉଣ୍ଡ ମେଶିନ ଚଳାଇବା ଲାଗି ରେଡିଓଗ୍ରାଫର ପଦବୀ ମଧ୍ୟ ପୂରଣ ହେଉନାହିଁ। ବର୍ତ୍ତମାନ ଅଲଟ୍ରାସାଉନ୍ କେନ୍ଦ୍ର ଇସିଜି କେନ୍ଦ୍ର ଭାବେ କାର୍ଯ୍ୟ କରୁଛି। ଏ ସମ୍ପର୍କରେ ସାମାଜିକ କର୍ମୀ ମୁକ୍ତିକାନ୍ତ ବିଶ୍ୱାଳ କୁହନ୍ତି, ଜାଣିଶୁଣି ମେଡିକାଲ କର୍ତ୍ତୃପକ୍ଷ ଆର୍‌ଜିଏଚ୍‌ରେ ଦୁଇବର୍ଷ ତଳେ ସ୍ଥାପିତ ହୋଇଥିବା ଅଲଟ୍ରାସାଉଣ୍ଡ ମେଶିନକୁ ସଜାଡୁନାହାନ୍ତି। ପ୍ରାଇଭେଟ ଅଲଟ୍ରାସାଉଣ୍ଡ କେନ୍ଦ୍ରମାନଙ୍କ ରୋଜଗାରକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ମେଶିନ ସଜଡାଯାଉନି। ସେହିପରି ବେସରକାରୀ ମେଡିକାଲକୁ ଆର୍ଥିକ ଲାଭାନ୍ୱିତ କରିବା ପାଇଁ ଆର୍‌ଜିଏଚ୍‌ରେ ନିଦାନ ଯୋଜନା ମଧ୍ୟ ବନ୍ଦ କରିଦିଆଯାଇଛି। ଆମେ ପ୍ରତିବାଦ କରିବାରୁ ଆରଜିଏଚ୍ କର୍ତ୍ତୃପକ୍ଷ ୧୫ଦିନ ମଧ୍ୟରେ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଶୁକ୍ରବାର ପ୍ରତିଶ୍ରୁତି ଅବଧି ଶେଷ ହୋଇଛି। ତେବେ ଦୁଇଦିନ ମଧ୍ୟରେ ଯଦି ପ୍ରତିଶ୍ରୁତି ପୂରଣ ନ ହେଲେ ପୁଣି ଧାରଣାରେ ବସିବି ବୋଲି ବିଶ୍ୱାଳ କହିଥିଲେ। ଏ ନେଇ ଆର୍‌ଜିଏଚ୍ ନିର୍ଦ୍ଦେଶକ ସନ୍ତୋଷ କୁମାର ସ୍ୱାଇଁଙ୍କୁ ପଚାରିବାରୁ ସେ କହିଲେ, ମୁ ଆର୍‌ଜିଏଚ୍‌ରେ ଯୋଗଦେବା ପୂର୍ବରୁ ଅଲଟ୍ରାସାଉଣ୍ଡ ମେଶିନ ଅଚଳ ହୋଇପଡିଛି। ମେଶିନ ଅଚଳରେ ସମସ୍ୟା ନାହିଁ। ମେଶିନ ଚଳାଇବା ପାଇଁ ଡାକ୍ତରଙ୍କ ଅଭାବ ହେଉଛି ଗୁରୁତ୍ୱପୂର୍ଣ୍ଣ ସମସ୍ୟା। ଯଥାଶୀଘ୍ର ଆର୍‌ଜିଏଚ୍‌ରେ ଚିକିତ୍ସା ସମ୍ପର୍କିତ ଅନେକ ପରିବର୍ତ୍ତନ ହେବା ଚୂଡାନ୍ତ ହୋଇ ସାରିଥିବା ସେ କହିଥିଲେ।

# ଡକାୟତି ଉଦ୍ୟମ ପଣ୍ଡ: ୪ଗିରଫ

**ପିସ୍ତଲ, ଛୁରୀ, ଲୁହା ରଡ୍, ଟର୍ଚ୍ଚଲାଇଟ୍ ଜବତ**

ବ୍ରଜରାଜନଗର, ୯।୪(ଡି.ଏନ୍.ଏ.)



ପୋଲିସ ଦ୍ୱାରା ଗିରଫ ୪ ଡକାୟତ।

ବ୍ରଜରାଜନଗର ଥାନା ଅନ୍ତର୍ଗତ ଚୁନାଭଟା ସ୍କୁଲ ପଛପଟ ଜଙ୍ଗଲରେ ଏକ ମିଳସରୁ ଡକାୟତି ଉଦ୍ଦେଶ୍ୟରେ ଯୋଜନା କରୁଥିବା ନେଇ ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ପୋଲିସ ଘଟଣାସ୍ଥଳରୁ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବିକାଶ ମିଶ୍ର, ଅମିତି ପଟ୍ଟନାଏକ, ଅଶୋକ ମାଝୀ, ରାମଦଶ ମହନ୍ତ। ଘଟଣା ଭୋର ୪ଟାରେ ଘଟିଛି। ପୋଲିସ ସେମାନଙ୍କଠାରୁ ଗୋଟିଏ ପିସ୍ତଲ, ଗୋଟିଏ ଛୁରୀ, ୨ଟି ଲୁହା ରଡ଼ ଓ ୨ଟି ଟର୍ଚ୍ଚ ଲାଇଟ ଜବତ କରିଛି। ଘଟଣାସ୍ଥଳରୁ ୨ଜଣ ଫେରାର୍ ହୋଇଯାଇଛନ୍ତି। ଏହି ଚଢ଼ାଉ ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁଙ୍କ ନିର୍ଦ୍ଦେଶରେ ହୋଇଥିଲା। ପାଟ୍ରୋଲିଂ ଟିମ୍ ଚଢାଉ କରିଥିଲେ। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ପାନୀୟଜଳ ସମସ୍ୟା, ଜଙ୍ଗଲ ସୁରକ୍ଷା ଉପରେ ଆଲୋଚନା



ଡିମିରିକୁଦାରେ ଆଞ୍ଚଳିକ ଉନ୍ନୟନ ବୈଠକରେ ଉପସ୍ଥିତ ଅଞ୍ଚଳର ସରପଞ୍ଚ ଓ ବିଶିଷ୍ଟ ବ୍ୟକ୍ତି।

**ଡିମିରିକୁଦାରେ ଆଞ୍ଚଳିକ ଉନ୍ନୟନ ବୈଠକ**

ଦେବଗଡ଼, ୯।୪(ଡି.ଏନ୍.ଏ.)

ତିଲେଇବଣି ବ୍ଲକ ଡିମିରିକୁଦା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଉକ୍ତ ଗ୍ରାମ ପଞ୍ଚାୟତର ନିର୍ବାଚିତ ଲୋକ ପ୍ରତିନିଧି ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ନେଇ ଏକ ଉନ୍ନୟନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଘନଶ୍ୟାମ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜିଲା ପରିଷଦ ସଦସ୍ୟ ରାଜେଶ ମହାନାୟକ, ଡିମିରିକୁଦା ଗ୍ରାମ ପଞ୍ଚାୟତର ସରପଞ୍ଚ ତୁଳାରାମ ନାୟକ, ପାରପୋଷି ଗ୍ରାମ ପଞ୍ଚାୟତର ସରପଞ୍ଚ ବିନିତା କିସାନ, ଲଇମୁରା ଗ୍ରାମ ପଞ୍ଚାୟତର ସରପଞ୍ଚ ପ୍ରମିଳା କିସାନ, ଝରାଗୋଗୁଆ ଗ୍ରାମ ପଞ୍ଚାୟତର ସରପଞ୍ଚ ନଳିନୀ କିସାନ, ରାଜକିଶୋର ନାୟକ, ଶୋଭାରାମ ନାୟକ, ବାବୁଲାଲ ପୃଷେଠ, ରମାକାନ୍ତ ମହାକୁଳ, ନିରଞ୍ଜନ କାଲୋ, ସୀତାରାମ ପଲେଇ, ନିରଞ୍ଜନ ନାୟକ ଓ ଅଖିଳ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସମ୍ପୃକ୍ତ ଅଞ୍ଚଳର ଉନ୍ନୟନ ଉପରେ ଆଲୋଚନା କରିଥିଲେ। ଗ୍ରୀଷ୍ମ ଋତୁରେ ଅଚଳ ହୋଇପଡିଥିବା ନଳକୂପ, ପାନୀୟ ଜଳ ପ୍ରକଳ୍ପ ଓ ନଳକୂପ ଗୁଡିକର ତୁରନ୍ତ ମରାମତି ସମେତ ଜଙ୍ଗଲ ସୁରକ୍ଷା ଉପରେ ସବିଶେଷ ଆଲୋଚନା କରିଥିଲେ। ଏହି ଅବସରରେ ସମ୍ପୃକ୍ତ ଅଞ୍ଚଳର ଏକମାତ୍ର କଲେଜ ଭାବେ ପରିଚିତ ଲୁହର ସ୍ଥିତ ୨୫ ବର୍ଷର ସୁବାସ ନାୟକ କଲେଜରେ ପରିଚାଳନା କମିଟି ଗଠନ କରାଯାଇ ନ ଥିବାରୁ ଉକ୍ତ ବୈଠକରେ କ୍ଷୋଭ ପ୍ରକାଶ କରାଯିବା ସହ କଲେଜରେ ଲାଗିରହିଥିବା ବିଭିନ୍ନ ସମସ୍ୟା ଓ ଏଗୁଡିକର ସମାଧାନ ନିମନ୍ତେ ଆଲୋଚନା କରାଯାଇଥିଲା। ସେହିପରି ଛାତ୍ରୀଛାତ୍ର ସୁବିଧାରେ ରହିବା ପାଇଁ ଉକ୍ତ କଲେଜରେ ଏକ ଛାତ୍ରାବାସ ନିର୍ମାଣ ନିମନ୍ତେ ମଧ୍ୟ ଏହି ଅବସରରେ ଆଲୋଚନା କରାଯାଇଥିଲା। ଶେଷରେ ଡିମିରିକୁଦା ଗ୍ରାମ ପଞ୍ଚାୟତର ସରପଞ୍ଚ ତୁଳାରାମ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଉତ୍କଳ ଏକ୍ସପ୍ରେସରେ ରାଉରକେଲା ଆସୁଥିବା ଯାତ୍ରୀ ହଇରାଣ

ରାଉରକେଲା ଅଫିସ,୯।୪

ହରିଦ୍ୱାରରୁ-ପୁରୀ ଉତ୍କଳ ଏକ୍ସପ୍ରେସ ଯୋଗେ ରାଉରକେଲାକୁ ଆସୁଥିବା ଯାତ୍ରୀମାନେ ହଇରାଣ ହେଉଥିବା ଅଭିଯୋଗ ହୋଇଛି। ଏହି ଟ୍ରେନ ରାଉରକେଲା ରେଳ ଷ୍ଟେଶନରେ ରବିବାର ଅପରାହ୍ନ ସାଢେ ୪ଟାରେ ପହଞ୍ଚିବାର ଥିଲା। କିନ୍ତୁ ଟ୍ରେନ୍‌ଟି ଝାରସୁଗୁଡାରେ ପହଞ୍ଚିବା ପରେ ରାଉରକେଲା ନ ଆସି ସେଠାରେ ସମସ୍ତ ଯାତ୍ରୀଙ୍କୁ ଓହ୍ଲାଇ ଦେଇ କଟକ ଅଭିମୁଖେ ଯାତ୍ରା କରିଥିଲା। ଫଳରେ ଝାରସୁଗୁଡାରୁ ରାଉରକେଲା ଆସିବା ଲାଗି ଯାତ୍ରୀ ହଇରାଣ ହୋଇଥିଲେ। ଯାତ୍ରୀମାନେ ରେଲୱେ କର୍ମଚାରୀଙ୍କୁ ଭେଟି ଉକ୍ତ ସମସ୍ୟାର ସମାଧାନ ପାଇଁ ଦାବି କରିଥିଲେ। ଏ ନେଇ ରାଉରକେଲା ରେଲୱେ ଷ୍ଟେଶନ ମାଷ୍ଟର ପ୍ରଭାସ କୁମାର ଦାସଙ୍କୁ ପଚାରିବାରୁ ସେ କହିଥିଲେ, ଟାଟା ଓ ଖଡଗପୁର ମଧ୍ୟରେ ଥିବା କ୍ଷମାଶୁଳି ରେଳ ଧାରଣାରେ ଆଦିବାସୀ କୁର୍ମି ସେବା ସଙ୍ଗଠନ ପକ୍ଷରୁ ଆଜିକୁ ୫ ଦିନ ଧରି ରେଳରୋକୋ ଆନ୍ଦୋଳନ କରିଛନ୍ତି। ତେଣୁ ଉକ୍ତ ରୁଟ୍ ଦେଇ ଟ୍ରେନ୍ ଚଳାଚଳ ବାତିଲ ହୋଇଛି। ଯେଉଁ ଯାତ୍ରୀମାନେ ଉତ୍କଳ ଏକ୍ସପ୍ରେସରେ ଆସୁଛନ୍ତି, ସେମାନେ ଉକ୍ତ ଟିକେଟ୍‌ରେ ଝାରସୁଗୁଡାରୁ ଅନ୍ୟ ଯେ କୌଣସି ଟ୍ରେନ ଧରି ରାଉରକେଲା ଆସିପାରିବେ ବୋଲି ଦାସ କହିଥିଲେ।

# ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ

ଲହୁଣୀପଡ଼ା, ୯।୪ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ପଞ୍ଚାୟତ ଗୁଢିଆଳିସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନିରଞ୍ଜନ ଅଟିଙ୍କ ଆବାହକତ୍ୱରେ ଏହା ହୋଇଥିଲା। ପୂର୍ବତନ ଛାତ୍ର ତଥା ଏହି ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭୃକୁଟୀ ମାହାନ୍ତ ଅଧକ୍ଷତା କରିଥିଲେ। ବୈଠକରେ ଯୁଧିଷ୍ଠିର ତ୍ରିପାଠୀ, ଡିଲେଶ୍ୱର ମାହାନ୍ତ, କ୍ଷେତ୍ରମୋହନ ମାହାନ୍ତଙ୍କ ସମେତ ବହୁ ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଆସନ୍ତା ୧୬ ତାରିଖ ପୁନର୍ବାର ବୈଠକ ଅନୁଷ୍ଠିତ ହେବ। ଉକ୍ତ ବୈଠକରେ ସୁବର୍ଣ୍ଣ ଜୟନ୍ତୀ ପାଳନ କରିବା ପାଇଁ ସ୍ୱତନ୍ତ୍ର କମିଟି ଗଠନ କରାଯାଇ ପୁରାତନ ଛାତ୍ରୀଛାତ୍ରଙ୍କୁ ଦାୟିତ୍ୱ ପ୍ରଦାନ କରାଯିବା ସହିତ ସଫଳତା ପାଇଁ ସମସ୍ତ ପୁରାତନ ଛାତ୍ରୀଛାତ୍ର ସମ୍ପୂର୍ଣ୍ଣ ଭାବେ ଦାୟିତ୍ୱ ତୁଲାଇବା ପାଇଁ ମତ ପ୍ରକାଶ କରିଥିଲେ। ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ କର୍ମଚାରୀ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟାସଦସ୍ୟ ଉପସ୍ଥିତ ଥିଲେ।

# ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

ବେଲପାହାଡ଼, ୯।୪(ଡି.ଏନ୍.ଏ.)

ବେଲପାହାଡ଼ ପୌରାଞ୍ଚଳ ଅନ୍ତର୍ଗତ ଗୌନ୍ତିଆପଡ଼ା ଖମାରପଡ଼ାସ୍ଥିତ ରାଧାକୃଷ୍ଣ ମନ୍ଦିରରେ ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ଚଳିତ ଏପ୍ରିଲ ୭ ତାରିଖ କଳସ ଶୋଭାଯାତ୍ରା ପରେ ଅଧିବାସ, ୮ରେ ନାମାରମ୍ଭ ଓ ୯ ତାରିଖ ରବିବାର ପୂର୍ଣ୍ଣାହୁତି, ନଗରଭ୍ରମଣ, ଦଧିଭଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା ଭାବରେ ରାଜୁ ପ୍ରଧାନ ଓ ତାଙ୍କ ସ୍ତ୍ରୀ ଉମା ପ୍ରଧାନ ପୂଜା କାର୍ଯ୍ୟ ତୁଲାଇ ଥିବାବେଳେ ପୂଜକ ଭାବରେ ସୁବାସ ଗୁରୁ ପୂଜାର୍ଚ୍ଚନା କରିଥିଲେ। ବୈଷ୍ଣବ ଭାବେ ସୁଦର୍ଶନ ପ୍ରଧାନ, ସୂପ୍ନ ସାହୁ, ପ୍ରଦୀପ ମେହେର ସ୍ୱରାଜ ରୁକ୍ସି, ବିଶ୍ୱନାଥ ବିଶୋଇ, ଅଜୁ ଦାସ ଦାୟିତ୍ୱ ନିର୍ବାହ କରିଥିଲେ। ନାମ ସଙ୍କୀର୍ତ୍ତନ ପାଇଁ ପ୍ଲମାଳିପଡା, ଜାହାଜପଡାର ଉଭୟ ମହିଳା ଓ ପୁରୁଷ, ଲିମିଟିକିରା, ଭୂତିଆ, କାର୍ତ୍ତିକପଡା, ବାଗବାହାଲ, ଠେବ୍ରା ଆଦି ମୋଟ ୮ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ନାମଯଜ୍ଞ ଆୟୋଜକ କମିଟିର ଦୁବରାଜ ନାୟକ, ଜଗଦିଶ ନାୟକ, କାର୍ତ୍ତିକ ଦାସ, ବୁଦ୍ଧଦେବ ସେଠ, ବିନୋଦ ପ୍ରଧାନ, ରାଜକୀରନ ବିଶ୍ୱାଳ ଏବଂ ସମସ୍ତ ସଦସ୍ୟ, ଗ୍ରାମବାସୀ ଏହି ନାମଯଜ୍ଞ ଆୟୋଜନରେ ସହଯୋଗ କରିଥିଲେ।

**ଏନ୍‌ଆଇଟିରେ ଜନଭାଗିଦାରୀ କାର୍ଯ୍ୟକ୍ରମ**

# ୩ କି.ମି. ଦୌଡିଲେ ଛାତ୍ରୀଛାତ୍ର, ଅଧ୍ୟାପକ

ରାଉରକେଲା ଅଫିସ,୯।୪



ମିନି ମାରାଥନରେ ଯୋଗ ଦେଇଥିବା ଅଂଶଗ୍ରହଣକାରୀଗଣ।

ରାଉରକେଲା ଏନ୍‌ଆଇଟିଠାରେ ଚାଲିଥିବା ଜନଭାଗିଦାରୀ କାର୍ଯ୍ୟକ୍ରମର ରବିବାର ନବମ ଦିବସରେ ୩ କି.ମି. ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି। ଏହି ମାରାଥନ ଏନ୍‌ଆଇଟି ମୁଖ୍ୟ ଫାଟକରୁ ଆରମ୍ଭ ହୋଇ ସେକ୍ଟର-୧, ସେକ୍ଟର-୨ ଓ ଜଗଦା ଗେଟ୍ ଦେଇ ଅନୁଷ୍ଠାନର ମୁଖ୍ୟ ବିଲ୍ଡିଂ ସମ୍ମୁଖରେ ଶେଷ ହୋଇଥିଲା। ମାରାଥନରେ ଭାଗ ନେଇଥିବା ଅଂଶଗ୍ରହଣକାରୀମାନଙ୍କୁ ଜଳପାନ ସହ ଟି-ସାର୍ଟ ପ୍ରଦାନ କରାଯାଇଥିଲା। ମାରାଥନରେ ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ରଙ୍କ ସମେତ ୨ଶହରୁ ଊର୍ଦ୍ଧ୍ୱ ଭାଗ ନେଇଥିଲେ। ପ୍ରଭାରୀ ନିର୍ଦ୍ଦେଶକ ପ୍ରଫେସର ସିଦ୍ଧାର୍ଥ ଏସ୍. ଜେନା କାର୍ଯ୍ୟକ୍ରମରେ ଯୋଗ ଦେବା ସହ ଜି-୨୦ ଜନଭାଗିଦାରୀରେ ଭାରତର ସଭାପତିତ୍ୱ ଆଭିମୁଖ୍ୟକୁ ବର୍ଣ୍ଣନା କରିଥିଲେ। ସୁସ୍ଥ ଜୀବନଶୈଳୀ ବଜାୟ ରଖିବା ପାଇଁ ସେ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହାସହ ଜି-୨୦ର ଏକ ମୁଖ୍ୟ ପ୍ରତିଷ୍ଠାନ ଭାବେ ଏନ୍‌ଆଇଟି ମନୋନିତ ହୋଇଥିବାରୁ ଅନୁଷ୍ଠାନର କେତେକ ଅଧ୍ୟାପକ ଏବଂ କର୍ମଚାରୀ ଭୁବନେଶ୍ୱରରେ ତୃତୀୟ ଶୈକ୍ଷିକ କ୍ରିୟା ଗୋଷ୍ଠୀ ବୈଠକରେ ଯୋଗଦେବାକୁ ଯାଉଛନ୍ତି ବୋଲି ଜେନା କହିଥିଲେ। ପ୍ରଫେସର ସ୍ନେହାଶିଷ ଚକ୍ରବର୍ତ୍ତୀ, ପ୍ରଫେସର ଗୋକର୍ଣ୍ଣେଶ୍ୱର ସାହୁ ଏବଂ ପ୍ରଫେସର ଅନୀଲ ସିଂ ମାରାଥନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମୋ ବସ୍ ଡ୍ରାଇଭରଙ୍କୁ ମାଡ଼, ବିକ୍ଷୋଭ ପ୍ରଦର୍ଶନ

ରାଉରକେଲା ଅଫିସ,୯।୪

ରାଉରକେଲାରେ ଚଳାଚଳ କରୁଥିବା ମୋ ବସ୍‌ର ଜଣେ ଡ୍ରାଇଭରଙ୍କୁ ରବିବାର ସକାଳ ସାଢେ ୬ଟାରେ କିଛି ଦୁର୍ବୃତ୍ତ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏ ନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୬୩।୨୩) ରୁଜୁ କରି ତଦନ୍ତ କରୁଛି। ଅନ୍ୟପକ୍ଷେ ଏହି ଘଟଣାର ପ୍ରତିବାଦରେ ମୋ ବସ୍‌ର ସମସ୍ତ ଡ୍ରାଇଭର ରାଉରକେଲା ବସ୍‌ଷ୍ଟାଣ୍ଡରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ସୂଚନା ଅନୁସାରେ, ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ସ' ମିଲ ଛକରେ ମୋ ବସ୍‌ର ଡିପୋ ରହିଛି। ଏଠାରୁ ସମସ୍ତ ବସ୍ ବାହାରି ବିଭିନ୍ନ ରୁଟ୍‌ରେ ଯାତାୟତ କରନ୍ତି। ରବିବାର ସକାଳ ୬ଟାରେ ମୋ ବସ୍ (ନଂ.ଓଡି୧୪ଏବି/୦୦୨୯) ସ' ମିଲ ଛକରୁ ବାହାରି ବେଦବ୍ୟାସ ଅଭିମୁଖେ ଯାତ୍ରା କରିଥିଲା। ଏହି ସମୟରେ ବେଦବ୍ୟାସ ଛକରେ କିଛି ଦୁର୍ବୃତ୍ତ ଗାଡିକୁ ମଝି ରାସ୍ତାରେ ଅଟକାଇ ଡ୍ରାଇଭର ବିସିକେତନ ତନ୍ତୀ(୪୨)ଙ୍କୁ ଗାଳିଗୁଲଜ କରିବା ସହ ତାଙ୍କୁ ନିସ୍ଥୁକ ମାଡ଼ ମାରିଥିଲେ। ଏ ନେଇ ବସ୍ ଡ୍ରାଇଭର ବିସିକେସନ ଥାନାରେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷେ ମୋ ବସ୍ ଡ୍ରାଇଭରଙ୍କୁ ଏଭଳି ମଝି ରାସ୍ତାରେ ଅଟକାଇ ମାଡ଼ ମାରିବା ଘଟଣାକୁ କେନ୍ଦ୍ର କରି ପ୍ରାୟ ୭୦ଟି ବସର ଡ୍ରାଇଭରମାନେ ରାଉରକେଲା ବସ୍‌ଷ୍ଟାଣ୍ଡରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆଗାମୀ ଦିନରେ ବସ୍ ଡ୍ରାଇଭରଙ୍କୁ ସୁରକ୍ଷା ନ ଦେଲେ ଷ୍ଟିୟରିଂ ଛାଡ ଆନ୍ଦୋଳନ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ, ଦୀପଯଜ୍ଞ



ଦେବଗଡ଼, ୯।୪(ଡି.ଏନ୍.ଏ.)

ଶାନ୍ତିକୁଞ୍ଜ, ହରିଦ୍ୱାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଦେବଗଡ଼ ଗାୟତ୍ରୀ ପରିବାର ଆନୁକୂଲ୍ୟରେ ସ୍ଥାନୀୟ ସଭାଗୋଲି ମଣ୍ଡପରେ ଶନିବାରଠାରୁ ତ୍ରି ଦିବସୀୟ ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଶୁଭାରମ୍ଭ ହୋଇଛି। ଏଥି ନିମନ୍ତେ ଦେବଗଡ ଗାୟତ୍ରୀ ପରିବାରର ମୁଖ୍ୟ ଡାକ୍ତର ବିଳାସିନୀ ଦ୍ୱିବେଦୀଙ୍କ ତତ୍ତ୍ୱାବଧାନରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ରବିବାର ହୋମଯଜ୍ଞ ଏବଂ ଦ୍ୱୀପ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପ୍ରାନ୍ତରୁ ଆସିଥିବା ବହୁ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସନ୍ଧ୍ୟାରେ ସମୂହ ଦ୍ୱୀପ ଯଜ୍ଞରେ ସାମିଲ ହୋଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଦେବଗଡ଼ ରାଜ ପରିବାରର ସଦସ୍ୟା ଅରୁନ୍ଧତୀ କୁମାରୀ ଦେବୀ ଓ ସଦସ୍ୟ ନମନ ଗଙ୍ଗଦେବଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ସେହିପରି ସନ୍ଧ୍ୟାରେ ଆୟୋଜକ ଗାୟତ୍ରୀ ପରିବାର ପକ୍ଷରୁ ପ୍ରଜ୍ଞା ସଂଗୀତ ଓ ପ୍ରବଚନ ଅନୁଷ୍ଠିତ ହୋଇଥିଲା। ସୋମବାର ତୃତୀୟ ତଥା ଉଦ୍‌ଯାପନୀ ଦିବସରେ ପୂର୍ଣ୍ଣାହୁତି ସହିତ ମହାଯଜ୍ଞ ଉଦ୍‌ଯାପିତ ହେବ। ଉଦ୍‌ଯାପନୀ ସନ୍ଧ୍ୟାରେ ରାଜ୍ୟର ଜଣାଶୁଣା ମହିଳା ପ୍ରବଚିକା କଳ୍ପନା ତ୍ରିପାଠୀ ଯୋଗ ଦେବା ସହ ପ୍ରାଚୀନ ଏବଂ ଆଧ୍ୟାତ୍ମିକ ଶାସ୍ତ୍ର ସମ୍ବନ୍ଧରେ ପ୍ରବଚନ ଦେବେ ବୋଲି ଦେବଗଡ ଗାୟତ୍ରୀ ପରିବାର ପକ୍ଷରୁ ସୂଚନା ମିଳିଛି।

# ୬ ମାସ ମଧ୍ୟରେ ସ୍ଥାନାନ୍ତର ହେବ ଦେଶୀ ମଦ ଭାଟି

ବଡ଼ଗାଁ, ୯।୪(ଡି.ଏନ୍.ଏ.)

**ଲୋକଙ୍କ ସମସ୍ୟା, ଅଭିଯୋଗ ଶୁଣିଲେ ଜାତୀୟ ଜନଜାତି ଆୟୋଗ ସଦସ୍ୟ**



ଜାତୀୟ ଜନଜାତି ଆୟୋଗ ସଦସ୍ୟ ଅନନ୍ତ ନାୟକ ଲୋକଙ୍କ ସମସ୍ୟା ଶୁଣୁଛନ୍ତି।

ସୁନ୍ଦରଗଡ଼ ଜିଲାକୁ ଗସ୍ତରେ ଆସିଥିବା ଜାତୀୟ ଜନଜାତି ଆୟୋଗ ସଦସ୍ୟ ଅନନ୍ତ ନାୟକ ରାଉରକେଲାରେ ଶନିବାର ଆୟୋଜିତ ଆଦିବାସୀ ମହୋତ୍ସବ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲାବେଳେ ରବିବାର ବଡ଼ଗାଁ ବ୍ଲକର ଭୋଇପାଲି ଗ୍ରାମକୁ ଆସି ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ। ଜନଜାତି ଆୟୋଗ ସଦସ୍ୟ ନାୟକ ମାନସିକ କରିଥିବାରୁ ପ୍ରଥମେ ଗୋଣ୍ଡ ସମାଜର ଆରାଧ୍ୟ ଦେବତା ଶ୍ରୀ ଜଂଘା ବଡଦେଓଙ୍କ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ଏହା ପରେ ସେ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। କୁରେଇବଗା ଗ୍ରାମରେ ୫୦ବର୍ଷ ହେଲା ଚାଷ କରିଆସୁଥିବା ଜଣେ ଆଦିବାସୀଙ୍କ ଦଖଲ ଜମିକୁ ରାଜସ୍ୱ ବିଭାଗ ନେଇଯିବା, ପାଣ୍ଡେରପାଲି ଗାଁରେ ୪୦ ବର୍ଷ ଚାଷ କରିଆସୁଥିବା ବ୍ୟକ୍ତିଙ୍କୁ ଜଙ୍ଗଲ ଜମି ଅଧିକାର ଦିଆଯାଇ ନ ଥିବା, ବଡ଼ଗାଁ ସରକାରୀ ଲାଇସେନ୍ସପ୍ରାପ୍ତ ଦେଶୀ ମଦ ଭାଟି ସ୍ଥାନାନ୍ତର ଆଦି ଆଉ କେତେକ ଅଭିଯୋଗ ଗ୍ରାମବାସୀ ଜନଜାତି ଆୟୋଗ ସଦସ୍ୟ ନାୟକଙ୍କୁ ଜଣାଇଥିଲେ। ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିବା ପରେ ସେଠାରେ ଉପସ୍ଥିତ ଅଧିକାରୀମାନଙ୍କୁ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମବାସୀ ଦେଶୀ ମଦଭାଟି ଜନବସତି ମଧ୍ୟରେ ଥିବା ଓ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟ ରାସ୍ତା ପାର୍ଶ୍ୱରେ ଥିବାରୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ସ୍ଥାନାନ୍ତର କରାଯାଉ ନ ଥିବା ଜଣାଇ ତୁରନ୍ତ ଏହା ଉପରେ ପଦକ୍ଷେପ ନେବାକୁ ଦାବି କରିଥିଲେ। ଏ ନେଇ ଜନଜାତି ଆୟୋଗ ସଦସ୍ୟ ଅନନ୍ତ ନାୟକ ଜିଲା ଅବକାରୀ ଅଧୀକ୍ଷକ ନରୋତ୍ତମ ମିଶ୍ରଙ୍କୁ କେତେମାସ ମଧ୍ୟରେ ଭାଟି ସ୍ଥାନାନ୍ତର କରିବେ ପ୍ରଶ୍ନ କରିଥିଲେ। ଅବକାରୀ ଅଧୀକ୍ଷକ ମିଶ୍ର ୬ ମାସ ମଧ୍ୟରେ ଭାଟି ସ୍ଥାନାନ୍ତର କରିଦିଆଯିବ ବୋଲି ସେଠାରେ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା, ପିଡବ୍ଲ୍ୟୁଡିର ଏଇଇ ଦିଲ୍ଲୀପ କୁମାର ପତି, ସହକାରୀ ଯନ୍ତ୍ରୀ ସୁରଥ ନାଏକ, ଏସଇ ମୁରଲୀଧର ମିଶ୍ର, ବଡ଼ଗାଁ ବ୍ଲକ ମଙ୍ଗଳ ଅଧିକାରୀ ଦିଲ୍ଲୀପ କୁମାର ମାଝିଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

